ରବିବାର
ସକାଳ THE SAKALA
# ସିନ୍ଦୁରା
୧୧-୧୭ ଜାନୁଆରୀ, ୨୦୨୬

- ରହସ୍ୟର ଗନ୍ତାଘର
- ବିଶ୍ୱର ରହସ୍ୟମୟ ସ୍ଥାନ
- ରହସ୍ୟମୟ ଦ୍ୱୀପ
- ରହସ୍ୟମୟ ବିଶ୍ୱ
- ଅଦ୍ଭୁତ ଦୁର୍ଗ




# ରହସ୍ୟମୟ ବିଶ୍ୱ



ବିଶାଳ ଏ ପୃଥିବୀ । ସୌନ୍ଦର୍ଯ୍ୟର ଗନ୍ତାଘର ଏ ଧରାପୃଷ୍ଠ । ସାରା ବିଶ୍ୱରେ ରହିଛି ଅନେକ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନ । ଯାହା କବି, ଲେଖକ, ଭାବୁକ, ପର୍ଯ୍ୟଟକମାନଙ୍କୁ ମୁଗ୍ଧ କରିଆସିଛି ବର୍ଷ ବର୍ଷ ଧରି । ତେବେ ସୁନ୍ଦର ସ୍ଥାନରେ ମଧ୍ୟ ରହିଛି ଅନେକ ରହସ୍ୟ । ବିଶ୍ୱରେ ଏଭଳି ରହସ୍ୟମୟ ସ୍ଥାନକୁ ନିଜ ଆଖିରେ ନଦେଖିଲେ ବିଶ୍ୱାସ କରି ହେବ ନାହିଁ । ଏହି ରହସ୍ୟର କାରଣ ଜାଣିବା ପାଇଁ ବୈଜ୍ଞାନିକମାନେ ଆଜି ବି ଗବେଷଣା ଜାରି ରଖିଛନ୍ତି । ତଥାପି ରହସ୍ୟ ଉନ୍ମୋଚନ କରି ପାରୁନାହାଁନ୍ତି । ପୃଥିବୀର କେତେକ ସ୍ଥାନର ଭୟାବହତା, ବିଚିତ୍ରତା ଓ ରୋମାଞ୍ଚ ସଂପର୍କରେ ଭାବିବାକୁ ବାଧ କରେ । ଏହିପରି ବିଚିତ୍ର ସ୍ଥାନଗୁଡ଼ିକରେ ସର୍ବଦା ଭୟ ଓ ବିପଦର ବାତାବରଣ ଲାଗି ରହିଥାଏ । କେତେକ ସ୍ଥାନକୁ ଗଲେ ଅପ୍ରତ୍ୟାଶିତ ଭାବେ ମଣିଷର ମୃତ୍ୟୁ ମଧ୍ୟ ହୋଇଥାଏ । ତେଣୁ ପର୍ଯ୍ୟଟକ ବା ଦର୍ଶକ ସେଭଳି ବିସ୍ମୟକର ସ୍ଥାନକୁ ଯିବାକୁ ସାହସ କରନ୍ତି ନାହିଁ । ଜୀବନର ସୁରକ୍ଷା ଦୃଷ୍ଟିରୁ କେତେକ ଅଜବ ଅଞ୍ଚଳକୁ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଯାଇଛି । ଆଟ୍‌ଲାଣ୍ଟିକ୍ ମହାସାଗରର ବରମୁଡ଼ା ତ୍ରିଭୁଜଠାରୁ ଆରମ୍ଭ କରି ପୋଲାଣ୍ଡର ବଙ୍କା ଗଛର ଜଙ୍ଗଲ ପର୍ଯ୍ୟନ୍ତ ଅନେକ ରହସ୍ୟମୟ ସ୍ଥାନ ରହିଛି ସାରା ବିଶ୍ୱରେ । ସେଭଳି ପ୍ରଶାନ୍ତ ମହାସାଗରର ନୀରବ ଅଞ୍ଚଳ ହେଉ କି ଉତ୍ତରାଖଣ୍ଡର କଙ୍କାଳ ହ୍ରଦ ହେଉ ସର୍ବଦା ରହସ୍ୟ ଘେରରେ ରହିଆସିଛି । ଯାହାର କାରଣ ଏପର୍ଯ୍ୟନ୍ତ କେହି ଭେଦ କରି ପାରିନାହାନ୍ତି । ଏହି ପରିପ୍ରେକ୍ଷୀରେ ବିଶ୍ୱର କେତେକ ରହସ୍ୟମୟ ସ୍ଥାନକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **ରହସ୍ୟମୟ ବିଶ୍ୱ**

ପ୍ରସ୍ତୁତି 'ସକାଳ' ବ୍ୟୁରୋ



## କେମିତି କଟିବ ସପ୍ତାହ

**ମେଷ**
ରବିବାର ବହୁ ଦିନର ସ୍ୱପ୍ନ ପୂରଣ ହେବ । ସୋମ, ମଙ୍ଗଳବାରରେ ପ୍ରସନ୍ନତା ବୃଦ୍ଧିପାଇବ । ଘରୋଇ ମାମଲାରେ ଫସି ରହିବେ । ବୁଧ, ଗୁରୁବାରରେ ଧାର୍ମିକ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି । ଶୁକ୍ର, ଶନିବାରରେ ପଡ଼ୋଶୀଙ୍କ ସହ ସମ୍ପର୍କ ଉତ୍ତମ ରହିବ ।

**ବୃଷ**
ରବିବାର କ୍ୟାରିୟରରେ ଉନ୍ନତି ପରିଲକ୍ଷିତ ହେବେ । ସୋମ, ମଙ୍ଗଳବାରରେ ନିଜ ସ୍ୱାଧୀନତାରେ ବାଧା ସୃଷ୍ଟି ହୋଇପାରେ । ବୁଧ, ଗୁରୁବାରରେ ମହିଳାମାନେ ନୂତନ ନିଯୁକ୍ତି ପାଇବାର ଯୋଗ ରହିଛି । ଶୁକ୍ର, ଶନିବାରରେ କୋର୍ଟକଚେରୀ ମାମଲାରେ ସଫଳତା ହାସଲ କରିବେ ।

**ମିଥୁନ**
ରବିବାର ଖାଦ୍ୟ ପାନୀୟ ପ୍ରତି ସତର୍କ ରୁହନ୍ତୁ । ସୋମ, ମଙ୍ଗଳବାରରେ ଅତିଥିଙ୍କ ଆଗମନ ହୋଇପାରେ । ପରିବାରରେ ଆନନ୍ଦଉଲ୍ଲାସ ଦେଖାଦେବ । ବୁଧ, ଗୁରୁବାରରେ ସନ୍ତାନମାନେ କ୍ୟାରିୟରରେ ଉନ୍ନତି କରିବେ । ଶୁକ୍ର, ଶନିବାରରେ ଅଚିହ୍ନା ଲୋକଙ୍କ ଉପରେ ଭରସା କରନ୍ତୁ ନାହିଁ ।

**କର୍କଟ**
ରବିବାରରେ ଭବିଷ୍ୟତ ଯୋଜନା ଫଳପ୍ରଦ ହୋଇପାରେ । ସୋମ, ମଙ୍ଗଳବାରରେ ଅଟକି ରହିଥିବା ଧନ ଫେରିପାଇବେ । ବୁଧ, ଗୁରୁବାରରେ କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ । କ୍ଷମତାର ସଠିକ ଉପଯୋଗ କରିବେ । ଶୁକ୍ର, ଶନିବାରରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବାଧା ଉପୁଜିପାରେ ।

**ସିଂହ**
ରବିବାର ସମାଜରେ ମାନସମ୍ମାନର ଅଧିକାରୀ ହେବେ । ସୋମ, ମଙ୍ଗଳବାରରେ କର୍ମକ୍ଷେତ୍ରରେ ଅସ୍ଥିରତା ଅନୁଭବ କରିବେ । ବୁଧ, ଗୁରୁବାରରେ ବେରୋଜଗାରମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ । ଶୁକ୍ର, ଶନିବାରରେ ସାଙ୍ଗସାଥୀଙ୍କ ସହ ଭୁଲ୍ ବୁଝାମଣା ପାଇଁ ଦୂରତା ବଢ଼ିବ ।

**କନ୍ୟା**
ରବିବାର ସ୍ୱାସ୍ଥ୍ୟ ସମସ୍ୟା ଉପୁଜିପାରେ । ସୋମ, ମଙ୍ଗଳବାରରେ ଛୋଟ ଛୋଟ କଥାକୁ ନେଇ ଚିନ୍ତାରେ ପଡ଼ିଯାଇ ପାରନ୍ତି । ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରେ । ବୁଧ, ଗୁରୁବାରରେ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇ ପାରେ । ଶୁକ୍ର, ଶନିବାରରେ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ପଥ ଉନ୍ମୋଚିତ ହେବ ।

**ତୁଳା**
ରବିବାର ନିଜ ଦକ୍ଷତା ବଳରେ ଲୋକମାନଙ୍କୁ ପ୍ରଭାବିତ କରିବେ । ସୋମ, ମଙ୍ଗଳବାରରେ ଦୀର୍ଘ ଦିନ ପରେ ଜୀବନରେ ସୁଖସମୃଦ୍ଧି ବୃଦ୍ଧି ପାଇବ । ବୁଧ, ଗୁରୁବାରରେ ରାଜନୈତିକ କ୍ଷେତ୍ରରେ ଲୋକ ସମର୍ଥନ ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ପଦୋନ୍ନତି ସୁଯୋଗ ରହିଛି ।

**ବିଛା**
ରବିବାର ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇବେ । ସୋମ, ମଙ୍ଗଳବାରରେ ଆର୍ଥିକ ସ୍ଥିତି ମଜଭୁତ ରହିବ । ଶତ୍ରୁମାନଙ୍କର କୂଟଚକ୍ରାନ୍ତରେ ପଡ଼ିପାରନ୍ତି । ବୁଧ, ଗୁରୁବାରରେ କଠିନ ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି । ଶୁକ୍ର, ଶନିବାରରେ ମହିଳାମାନେ ସ୍ୱାଧୀନମନା ହେବେ ।

**ଧନୁ**
ରବିବାରରେ ଅକସ୍ମାତ୍ ଧନଲାଭର ଯୋଗ ରହିଛି । ବନ୍ଧୁବାନ୍ଧବଙ୍କ ସହଯୋଗ ପାଇବେ । ସୋମ, ମଙ୍ଗଳବାରରେ ପାରିବାରିକ କ୍ଷେତ୍ରରେ ବୁଝାମଣା ରହିବ । ବୁଧ, ଗୁରୁବାରରେ ଭାଇଭଉଣୀଙ୍କ ସହଯୋଗ ପାଇବେ । ଶୁକ୍ର, ଶନିବାରରେ ଈର୍ଷାପରାୟଣ ବ୍ୟକ୍ତିମାନେ ପରିସ୍ଥିତିକୁ ଭିନ୍ନ ରୂପ ଦେଇ ସମସ୍ୟା ବଢ଼ାଇବେ ।

**ମକର**
ରବିବାର ପରିବାରରେ ତିକ୍ତତା ଦେଖାଦେବ । ସୋମ, ମଙ୍ଗଳବାରରେ ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ବୁଧ, ଗୁରୁବାରରେ ଅସହାୟ ବ୍ୟକ୍ତିଙ୍କୁ ସହାଯ୍ୟ କରି ଆତ୍ମସନ୍ତୋଷ ପାଇବେ । ଶୁକ୍ର, ଶନିବାରରେ ପରିବାରରେ ସୁଖସମୃଦ୍ଧି ବୃଦ୍ଧି ପାଇବ ।

**କୁମ୍ଭ**
ରବିବାର ପରିବାରରେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି । ସୋମ, ମଙ୍ଗଳବାରରେ ପଦୋନ୍ନତି ପାଇଁ ବିଭିନ୍ନ ପ୍ରକାର କୌଶଳ ଆପଣାଇବେ । ବୁଧ, ଗୁରୁବାରରେ ବ୍ୟାବସାୟିକ କାର୍ଯ୍ୟରେ ସାଙ୍ଗସାଥୀଙ୍କ ସହଯୋଗ ପାଇବେ । ଶୁକ୍ର, ଶନିବାରରେ ନିଜ ବ୍ୟବହାର ପାଇଁ ପ୍ରଶଂସିତ ହେବେ ।


**ମୀନ**
ରବିବାର ମାନସିକ ତଥା ପାରିବାରିକ ଶାନ୍ତି ହରାଇ ବସିବେ । ସୋମ, ମଙ୍ଗଳବାରରେ ଉନ୍ନତିମୂଳକ କାର୍ଯ୍ୟରେ ବ୍ୟସ୍ତ ରହିବେ । ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ରହିବ । ବୁଧ, ଗୁରୁବାରରେ କାର୍ଯ୍ୟସ୍ଥଳୀରେ ଉନ୍ନତି କରିବା ପାଇଁ ଉଚ୍ଚଅଧିକାରୀଙ୍କ ପରାମର୍ଶ ଲୋଡ଼ିବେ । ଶୁକ୍ର, ଶନିବାରରେ ନୂତନ କର୍ମାରମ୍ଭ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା କରିବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

# ରହସ୍ୟର ଗନ୍ତାଘର

ପ୍ରକୃତିର ମନୋରମ ଗନ୍ତାଘର ପୃଥିବୀପୃଷ୍ଠ । ନଦୀ, ଝରଣା, ପାହାଡ଼, ପର୍ବତ, ସମୁଦ୍ରର ସୌନ୍ଦର୍ଯ୍ୟତା ସର୍ବଦା ଆକୃଷ୍ଟ କରି ଆସିଛି ମାନବ ସମାଜକୁ । ତେବେ ସୁନ୍ଦରତା ଭିତରେ ମଧ୍ୟ ଛପି ରହିଛି କିଛି ରହସ୍ୟ, କିଛି ଆଶ୍ଚର୍ଯ୍ୟଜନକ ଘଟଣା । ଧରିତ୍ରୀକୁ ନେଇ ରହିଛି ଅନେକ ରହସ୍ୟ । ତା'ଠାରୁ ଅଧିକ ରହସ୍ୟ ଛପି ରହିଛି ସମୁଦ୍ର, ଦ୍ୱୀପ, ହ୍ରଦ ଭିତରେ । ବିଶ୍ୱର ଅନେକ ରହସ୍ୟମୟ ସ୍ଥାନରୁ ପରଦା ହଟିନି । ଏହି ସବୁ ରହସ୍ୟଜନକ ସ୍ଥାନ ବୈଜ୍ଞାନିକ ଓ ଗବେଷକମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି । ବିଶ୍ୱର ରହସ୍ୟମୟ ସ୍ଥାନଗୁଡ଼ିକ କେବଳ ବୈଜ୍ଞାନିକମାନଙ୍କୁ ଆଶ୍ଚର୍ଯ୍ୟ ଚକିତ କରିନାହିଁ । ବରଂ ସ୍ଥାନୀୟ ଲୋକଙ୍କ ଭିତରେ ସୃଷ୍ଟି କରିଛି ଭୟର ବାତାବରଣ । କେତେକ ସ୍ଥାନକୁ ନେଇ ରହିଛି କିଛି ଗାଥା, କିମ୍ବଦନ୍ତୀ । ଆଉ କିଛି ଅଞ୍ଚଳର ରହସ୍ୟକୁ ନେଇ ରହିଛି ବୈଜ୍ଞାନିକ କାରଣ ।








ବିସ୍ମୟକର ବିଶ୍ୱ । ସାରା ବିଶ୍ୱରେ ରହିଛି ଅନେକ ରହସ୍ୟମୟ ସ୍ଥାନ । ବିଶ୍ୱର ଏମିତି କୌଣସି ଦେଶ ନାହିଁ, ଯେଉଁଠି ବିବିଧ ଓ ଅଦ୍ଭୁତ ସ୍ଥାନ ନାହିଁ । ଏହି ସବୁ ସ୍ଥାନଗୁଡ଼ିକ ପର୍ଯ୍ୟଟକମାନଙ୍କୁ ବର୍ଷ ବର୍ଷ ଧରି ଆଶ୍ଚର୍ଯ୍ୟଚକିତ କରି ଆସିଛି । ବୈଜ୍ଞାନିକମାନଙ୍କ ପାଇଁ ମଧ୍ୟ ଏହା ରହସ୍ୟ ହୋଇ ରହିଛି । କେଉଁଠି ସାଗରର ନିର୍ଦ୍ଦିଷ୍ଟ ଅଞ୍ଚଳରେ ଜାହାଜ ଓ ବିମାନ ରହସ୍ୟଜନକ ଭାବେ ଉଭାନ୍ ହୋଇଯାଉଛି । ପୁଣି କେଉଁ ଦ୍ୱୀପକୁ ଗଲେ ଲୋକେ ଆଉ ଫେରୁ ନାହାନ୍ତି । ଆଉ କେଉଁ ଦ୍ୱୀପର ପାଣି ଗୋଲାପି ରଙ୍ଗ ହୋଇଛି । ସେହିପରି କେଉଁ ଜଙ୍ଗଲ ଆତ୍ମହତ୍ୟା ପାଇଁ କୁଖ୍ୟାତ । ପୁଣି କେଉଁ ଜଙ୍ଗଲର ଗଛ ୯୦ ଡିଗ୍ରୀ ବଙ୍କା ହୋଇ ରହିଛି । ଏଭଳି ଘଟଣା ସର୍ବଦା ପର୍ଯ୍ୟଟକମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଆସିଛି । ପୃଥିବୀର ରହସ୍ୟମୟ ସ୍ଥାନ ମଧ୍ୟରୁ ଆଟ୍‌ଲାଣ୍ଟିକ ମହାସାଗରରେ ଥିବା 'ବରମୁଡ଼ା ଟ୍ରାଙ୍ଗଲ' ବା 'ବରମୁଡ଼ା ତ୍ରିଭୁଜ' ଅନ୍ୟତମ । ଯେଉଁଠାରେ ରହସ୍ୟଜନକ ଭାବେ ଜାହାଜ ଓ ବିମାନଗୁଡ଼ିକ ଉଭାନ୍ ହୋଇଯାଏ । ସାମୁଦ୍ରିକ ଝଡ଼ ବା ଚୁମ୍ବକୀୟ ବିସଙ୍ଗତି ଭଳି ପ୍ରାକୃତିକ ଘଟଣା ନା ଏହା ପଛରେ କୌଣସି ବୈଜ୍ଞାନିକ କାରଣ ରହିଛି, ତାହାର ରହସ୍ୟକୁ ଗବେଷକମାନେ ଭେଦ କରିପାରିନାହାନ୍ତି । ସେହିପରି ପଶ୍ଚିମ ଅଷ୍ଟ୍ରେଲିଆର ଏକ ଦ୍ୱୀପର ଗୋଲାପି ରଙ୍ଗର ହ୍ରଦ ପାଣି ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଛି । ପ୍ରାୟ ୨୦୦୦ ଫୁଟ ଲମ୍ବା ଏହି ହ୍ରଦର ପାଣି ଗୋଲାପି ରଙ୍ଗ ହେବାର କାରଣ କ'ଣ କେହି ଜାଣିପାରିନାହାନ୍ତି । ତେବେ ଗୋଲାପି ରଙ୍ଗ ଯୋଗୁଁ ଏହି ହ୍ରଦର ସୌନ୍ଦର୍ଯ୍ୟ ଆହୁରି ବୃଦ୍ଧି ପାଇଥାଏ । ପୁଣି କେଉଁ ହ୍ରଦର ପାଣି ଗାଢ଼ ଲାଲ ରଙ୍ଗର ଦେଖାଯାଏ । ସେଭଳି ପୁଣି କେଉଁଠି ରହିଛନ୍ତି ହଜାର ହଜାର ବିଷାକ୍ତ ସାପ ଥିବା ଦ୍ୱୀପ । ବିପଦପୂର୍ଣ୍ଣ ଏହି ଦ୍ୱୀପକୁ ମଣିଷ ଯିବା ଉପରେ କଟକଣା ଲଗାଯାଇଛି । ସେହିପରି କେଉଁଠି ଝରଣା ପାଣି ଭିତରେ ନିଆଁ ଜଳୁଥିବା ଦେଖାଯାଉଛି ।

ସେପଟେ ପିରାମିଡ଼ର ଦେଶ ହେଉଛି ମିଶର । ପିରାମଡ଼ ତିଆରିକୁ ନେଇ ମଧ୍ୟ ରହିଛି ଭିନ୍ନ ଭିନ୍ନ କଥା । ତେଣୁ ଏହାର ନିର୍ମାଣର ପ୍ରକୃତ ଉଦ୍ଦେଶ୍ୟ କ'ଣ ଲୋକଙ୍କ ପାଇଁ ରହସ୍ୟ ହୋଇ ରହିଛି । ସେଭଳି ବର୍ଷ ବର୍ଷ ଧରି ପିରି ରେଇସ୍ ମାନଚିତ୍ର ଉପରୁ ମଧ୍ୟ ପରଦା ହଟୁ ନାହିଁ । ସେହିପରି ମେକ୍ସିକୋର ଚିହୁଆହୁଆନ୍ ମରୁଭୂମିର ଏକ ନିର୍ଦ୍ଦିଷ୍ଟ ଜାଗା ନିସ୍ତବ୍ଧ ଅଞ୍ଚଳ ଭାବେ ପରିଚିତ । ଏହି ଅଞ୍ଚଳକୁ ରେଡିଓ, ଟେଲିଭିଜନ୍ କିମ୍ବା କୃତ୍ରିମ ଉପଗ୍ରହର କୌଣସି ସଂକେତ ଯାଇପାରେ ନାହିଁ । ଫଳରେ ଏହି ଅଞ୍ଚଳରେ ସବୁବେଳେ ନୀରବତା ଲାଗି ରହିଥାଏ । ତେବେ ଏହି ରହସ୍ୟର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ ।

ଭାରତରେ ମଧ୍ୟ ଏଭଳି ଅନେକ ବିବିଧ ଓ ଅଦ୍ଭୁତ ସ୍ଥାନ ରହିଛି, ଯାହା ସର୍ବଦା ଲୋକଙ୍କୁ ଆଶ୍ଚର୍ଯ୍ୟଚକିତ ଓ ରୋମାଞ୍ଚିତ କରି ଆସିଛି । ଭାରତର କେଉଁ ପ୍ରାଚୀନ ଦୁର୍ଗର ପ୍ରାଚୀରର ଉଚ୍ଚତାକୁ ନେଇ ଲାଗି ରହିଛି ରହସ୍ୟ । ସେହିପରି ଭାରତର କେତେକ ଭୂତ ଦୁର୍ଗକୁ ନେଇ ଚର୍ଚ୍ଚା ଲାଗି ରହିଛି । ପୁଣି କେଉଁ ଗାଁ ଯମଜ ସନ୍ତାନ ଜନ୍ମ ପାଇଁ ପ୍ରସିଦ୍ଧ । ତେବେ ଏହି ଗାଁର ଯମଜ ସନ୍ତାନ ଜନ୍ମ ହେବାର କାରଣ ସଂପର୍କରେ ବୈଜ୍ଞାନିକମାନେ ଜାଣିପାରି ନାହାନ୍ତି । ସେହିପରି ଭାରତ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ରହିଛି ଏକ ରହସ୍ୟମୟ ଦ୍ୱୀପ । ଯେଉଁଠି କେବଳ ଏକ ନିର୍ଦ୍ଦିଷ୍ଟ ଜନଜାତିର ଲୋକେ ବସବାସ କରନ୍ତି । ଯେଉଁଠି ବାହାର ଲୋକଙ୍କ ପ୍ରବେଶ ନିଷେଧ । ସେଭଳି ଭାରତରେ ଏଭଳି ଏକ ଗାଁ ରହିଛି ଯେଉଁଠି ପ୍ରତିବର୍ଷ ଶହ ଶହ ସଂଖ୍ୟାରେ ପକ୍ଷୀ ଆତ୍ମହତ୍ୟା କରିବା ପାଇଁ ଆସିଥାନ୍ତି । ସାରା ବିଶ୍ୱରେ ଏମିତି ଶହ ଶହ ରହସ୍ୟଜନକ ସ୍ଥାନ ରହିଛି । ଯାହାର ନିର୍ଦ୍ଦିଷ୍ଟ କାରଣ ଏବେ ବି ଜଣାପଡ଼ିନାହିଁ । ବର୍ଷ ବର୍ଷ ଧରି ଏଭଳି ସ୍ଥାନଗୁଡ଼ିକ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ପାଇଁ ରହସ୍ୟ ହୋଇରହିଛି ।

ସାରା ବିଶ୍ୱର ବିଭିନ୍ନ ଦେଶରେ ଥିବା ସ୍ଥାନଗୁଡ଼ିକ ସଂପର୍କରେ ଜାଣିବା ସର୍ବଦା ସାଧାରଣ ଜନତାଙ୍କ ଭିତରେ ଉତ୍ସୁକତା ଲାଗି ରହିଥାଏ । ସେଭଳି କିଛି ରହସ୍ୟମୟ ସ୍ଥାନ ସଂପର୍କରେ ଆଲୋକପାତ କରିବା ଏହି ଆଲେଖ୍ୟର ଉଦ୍ଦେଶ୍ୟ ।





## ଆତ୍ମହତ୍ୟା ଜଙ୍ଗଲ

ଜାପାନର ଫୁଜି ପର୍ବତମାଳାର ପାଦଦେଶରେ ରହିଛି ଏକ ଘଞ୍ଚ ଜଙ୍ଗଲ । ଏହାର ନାମ ଆକିଗାହାରା ଜଙ୍ଗଲ । 'ସୁସାଇଟ୍ ଫରେଷ୍ଟ' ବା 'ଆତ୍ମହତ୍ୟା ଜଙ୍ଗଲ' ନାମରେ ଏହା ପରିଚିତ । ଏହି ଜଙ୍ଗଲ ଏତେ ଘଞ୍ଚ ଯେ ସର୍ବଦା ନିରବତା ଲାଗି ରହିଥାଏ । ତେଣୁ ସ୍ଥାନୀୟ ଲୋକେ ଏହି ଜଙ୍ଗଲକୁ 'ବୃକ୍ଷର ସାଗର' ବୋଲି କହିଥାନ୍ତି । ଘଞ୍ଚ ବୃକ୍ଷ, ରହସ୍ୟମୟ ବାତାବରଣ ଓ ଆତ୍ମହତ୍ୟା ଘଟଣା ପାଇଁ ଏହି ଜଙ୍ଗଲର କୁଖ୍ୟାତି ରହିଛି । ପ୍ରାୟ ୩୫ ବର୍ଗ କିଲୋମିଟର କ୍ଷେତ୍ର ବ୍ୟାପୀ ରହିଛି ଆକିଗାହାରା ଜଙ୍ଗଲ । ଏହାର ମାଟି ଜ୍ୱାଳାମୁଖୀର ଶୁଖିଲା ଲାଭାରେ ତିଆରି ହୋଇଛି । ତେଣୁ ଏଠାକାର ପରିବେଶ ନିଆରା । ଶାନ୍ତ ଓ ଘନ ଜଙ୍ଗଲ ଯୋଗୁଁ ବାହାର ଶବ୍ଦ ଭିତରକୁ ଶୁଣା ଯାଏ ନାହିଁ । ଶାନ୍ତି ଓ ରହସ୍ୟମୟତା ଯୋଗୁଁ ଏହି ଜଙ୍ଗଲ ଅଦ୍ୱିତୀୟ ଓ ଭୟାନକ ସ୍ଥାନ ଭାବରେ ଜଣାଶୁଣା । ଆତ୍ମହତ୍ୟା ପାଇଁ ଏହି ଜଙ୍ଗଲ ପ୍ରସିଦ୍ଧ । ୧୯୫୦ ମସିହାଠାରୁ ଆଜି ପର୍ଯ୍ୟନ୍ତ ଏକ ହଜାରରୁ ଅଧିକ ଲୋକଙ୍କ ଜୀବନଦୀପ ଲିଭି ଯାଇଛି ଜଙ୍ଗଲ ଭିତରେ । ପ୍ରତିବର୍ଷ ଜାପାନ ପୁଲିସ ଓ ସ୍ୱେଚ୍ଛାସେବୀମାନେ ଜଙ୍ଗଲ ଭିତରେ ତଲାସୀ ଅଭିଯାନ କରି ଅନେକ ଶବକୁ ଉଦ୍ଧାର କରିଥାନ୍ତି । ଏଠାରେ ଚୁମ୍ବକୀୟ ଲୁହାର ମାତ୍ରା ଅଧିକ । ତେଣୁ ଅନେକ ସମୟରେ ଦିଗ ନିର୍ଣ୍ଣୟଯନ୍ତ୍ର ଓ ମୋବାଇଲ୍ ନେଟ୍‌ୱର୍କ ଠିକ୍ ଭାବେ କାମ କରି ନଥାଏ । ଫଳରେ ପର୍ଯ୍ୟଟକମାନେ ଜଙ୍ଗଲ ଭିତରେ ରାସ୍ତା ନ ପାଇ ଦିଗହରା ହୋଇଥାନ୍ତି । ଆକିଗାହାରା ଜଙ୍ଗଲକୁ ନେଇ ଜାପାନରେ ଅନେକ ଲୋକକଥା ମଧ୍ୟ ପ୍ରଚଳିତ । ଏହାକୁ ନେଇ କେତେକ ଭୟଭୀତ କାହାଣୀ ମଧ୍ୟ ଜଡ଼ିତ । ପ୍ରାଚୀନ କାଳରେ ବୃଦ୍ଧ ଓ ରୋଗୀଣା ବ୍ୟକ୍ତିଙ୍କୁ ପରିବାର ଲୋକେ ଏହି ଜଙ୍ଗଲ ଭିତରେ ଏକାକୀ ଛାଡ଼ି ଦେଉଥିଲେ । ଫଳରେ ଭୋକ ଓ ଥଣ୍ଡା ଯୋଗୁଁ ସେମାନେ ମୃତ୍ୟୁମୁଖରେ ପଡୁଥିଲେ । ସେହିପରି କେହି କେହି ଏହି ଜଙ୍ଗଲକୁ ଆତ୍ମହତ୍ୟାର ସ୍ଥଳୀ ବୋଲି କହିଥାନ୍ତି । କିଛି ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଏଠାରେ ଆତ୍ମହତ୍ୟା କରୁଥିବା ଲୋକଙ୍କ ଆତ୍ମା ଘୂରି ବୁଲିଥାଏ । ଆଉ ଅନ୍ୟମାନଙ୍କୁ ଆତ୍ମହତ୍ୟା ପାଇଁ ଉତ୍ସାହିତ କରିଥାଏ । ଆକିଗାହାରା ଜଙ୍ଗଲକୁ ଭୟ ଓ ରହସ୍ୟମୟ କୁହାଯାଉଛି । ତଥାପି ଏହି ଜଙ୍ଗଲ ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଛି । ଟ୍ରେକିଂ ଓ ଦୁଃସାହସିକ ଖେଳ ପାଇଁ ବହୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି । ତେବେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଜାପାନ ସରକାର ଏହି ଜଙ୍ଗଲରେ ହେଲ୍‌ପଲାଇନ୍ ନମ୍ବର ଓ ସୁରକ୍ଷା ବୋର୍ଡ ଲଗାଇଛନ୍ତି ।

## ଲାଲ ରଙ୍ଗର ହ୍ରଦ

ଆଫ୍ରିକୀୟ ଦେଶ ତାଞ୍ଜାନିଆସ୍ଥିତ ନାଟ୍ରୋନ ହ୍ରଦ ବିଶ୍ୱର ସବୁଠାରୁ ବିପଦପୂର୍ଣ୍ଣ ହ୍ରଦ ମଧ୍ୟରୁ ଅନ୍ୟତମ । ଏହି ହ୍ରଦ ଦେଖିବାକୁ ଲାଲ ରଙ୍ଗ ଓ ରହସ୍ୟମୟ । ଏଠାକାର ପାଣି ବହୁତ କ୍ଷାରୀୟ । ସେହିପରି ଏଠାରେ ତାପମାତ୍ରା ୬୦ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ପହଞ୍ଚି ଥାଏ । ଏହି ହ୍ରଦର ପାଣି ଲୁଣିଆ ଓ ସୋଡ଼ା ମାତ୍ରା ଅଧିକ । ତେଣୁ ଯଦି କୌଣସି ଜୀବଜନ୍ତୁ ବା ପକ୍ଷୀ ମରି ଯାଆନ୍ତି, ସେମାନଙ୍କର ମୃତଦେହ ସଢ଼ି ନଥାଏ; ବରଂ 'ମମି' ପରି ଶକ୍ତ ହୋଇଯାଇଥାଏ । ତେଣୁ ଏହାକୁ ଜୀବଜନ୍ତୁଙ୍କୁ ପଥର କରୁଥିବା ହ୍ରଦ ବୋଲି କୁହାଯାଏ ।





## ଭୂତ ହୋଟେଲ

କାନାଡ଼ାର ଏକ ହୋଟେଲ ରହିଛି । ଯାହା ଭୂତ ହୋଟେଲ ଭାବେ ପରିଚିତ । କାନାଡ଼ାର ବେନ୍‌ଫ ସ୍ପ୍ରିଙ୍ଗସ୍ ହୋଟେଲ ଏକ ରହସ୍ୟଜନକ ହୋଟେଲ । ଭୂତ-ପ୍ରେତ କାହାଣୀ ଓ ବିଚିତ୍ର ଘଟଣାର କେନ୍ଦ୍ର ହେଉଛି ଏହି ହୋଟେଲ । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଏହି ହୋଟେଲର ରୁମ୍ ନମ୍ବର ୮୭୩ରେ ଗୋଟିଏ ପରିବାରର ସମସ୍ତଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା । ବର୍ତ୍ତମାନ ସେଠାରେ ସେମାନଙ୍କ ଆତ୍ମା ଘୂରି ବୁଲୁଛି । ଯେଉଁମାନେ ଏହି ଘଟଣାକୁ ପୁନରାବୃତ୍ତି ପ୍ରକଟ ହେବା କଥା ଆଲୋଚନା କରନ୍ତି, ସେମାନେ ପବନରେ ଉଭାନ୍ ହୋଇଯାଆନ୍ତି । ତେଣୁ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମନ ଭିତରେ ସର୍ବଦା ଭୟ ଲାଗି ରହିଛି ।

## ଚୁମ୍ବକୀୟ ପାହାଡ଼

ଲଦ୍ଦାଖରେ ରହଛି ଏକ ରହସ୍ୟମୟ ଚୁମ୍ବକୀୟ ପାହାଡ଼ । ଏଠାରେ ମାଧ୍ୟାକର୍ଷଣ ଶକ୍ତିର ସମସ୍ତ ନିୟମ ବିପରୀତ ଦିଗରେ କାର୍ଯ୍ୟ କରିଥାଏ । ଯଦି ଏଠାରେ କୌଣସି କାର୍ ପାର୍କିଂ କରାଯାଏ, ତେବେ ଏହା ଆପେ ଆପେ ଉପରକୁ ଚଢ଼ିବାକୁ ଲାଗିଥାଏ । ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ, ଏହି ପାହାଡ଼ରେ ଚୁମ୍ବକୀୟ ଶକ୍ତି ରହିଛି । ଅନ୍ୟ କେତେକ ବିଶେଷଜ୍ଞଙ୍କ ମତାନୁସାରେ ଅପ୍‌ଟିକାଲ ଇସ୍ୟୁଲେନ୍‌ସ କାରଣ ଯୋଗୁଁ ଏଭଳି ହୋଇଥାଏ । ଅର୍ଥାତ୍ ଏକ ଦୃଶ୍ୟ ଭ୍ରମ ବା ପ୍ରତାରଣା ହୋଇଥାଏ, ଆଖିକୁ ଯାହା ଦେଖା ଯାଉଥିବ, ତାହା ସେଭଳି ହୋଇନଥିବ । ଜଣେ ବ୍ୟକ୍ତି ରାସ୍ତା ତଳକୁ ଯାଉଥିବ ଅଥଚ ସେ ଉପରକୁ ଯାଉଥିବା ଅନୁଭବ ହୋଇଥାଏ । ତେବେ ଏହାର ରହସ୍ୟକୁ ଏ ପର୍ଯ୍ୟନ୍ତ କେହି ଭେଦ କରିପାରିନାହାନ୍ତି ।






## ମୃତ ସମୁଦ୍ର

ଜୋର୍ଡାନରେ ଏକ ସମୁଦ୍ର ରହିଛି, ଯାହା 'ମୃତ ସାଗର' ବା 'ମୃତ ସମୁଦ୍ର' ନାମରେ ପ୍ରସିଦ୍ଧ । ଏହି ସମୁଦ୍ରରେ କେହି ପହଁରି ପାରନ୍ତି ନାହିଁ । ଯଦି କୌଣସି ବ୍ୟକ୍ତି ପହଁରିବାକୁ ଚେଷ୍ଟା କରନ୍ତି, ସେ ଆପେ ଆପେ ଉପରକୁ ଉଠି ଆସନ୍ତି । ଏହି ସମୁଦ୍ରରେ ଅଧିକ ମାତ୍ରାରେ ଲବଣ ରହିଛି । ସେଥିପାଇଁ ଏଥିରେ କୌଣସି ଜଳୀୟ ଜୀବ ରୁହନ୍ତି ନାହିଁ । ଏପରିକି କୌଣସି ବୀଜାଣୁ ଦେଖିବାକୁ ମିଳନ୍ତି ନାହିଁ । ଏହାର ପାଣିକୁ ମଣିଷ ମଧ୍ୟ ପିଇ ପାରିବେ ନାହିଁ ।



## ରହସ୍ୟମୟ ଉଡ଼ନ୍ତା ପଥର

ହିମାଚଳ ପ୍ରଦେଶର ମସ୍ରୁର ମନ୍ଦିର ଏକ ପ୍ରାଚୀନ ଶୈଳକୃତ ମନ୍ଦିର । ଏହାର ନିର୍ମାଣ ଶୈଳୀକୁ ନେଇ ରହସ୍ୟ ଲାଗି ରହିଛି । କୌଣସି ଏକ ଅଜ୍ଞାତ ଶକ୍ତି ଦ୍ୱାରା ଏହି ମନ୍ଦିର ନିର୍ମାଣ କରାଯାଇଥିବା କୁହାଯାଏ । ଏହାର ପଥର ବିନା କୌଣସି ଯୋଡ଼ରେ ଗୋଟିଏ ପଥର-ଅନ୍ୟଟି ସହିତ ଯୋଡ଼ି ହୋଇ ରହିଛି । ଆଜି ମଧ୍ୟ ବୈଜ୍ଞାନିକଙ୍କ ପାଇଁ ଏହା ବଡ଼ ରହସ୍ୟ ହୋଇ ରହିଛି । ପ୍ରକୃତି ପ୍ରେମୀ ଓ ଐତିହାସିକଙ୍କ ପାଇଁ ଏହି ସ୍ଥାନଟି ଆକର୍ଷଣର କେନ୍ଦ୍ର ପାଲଟିଛି ।



## ଝରଣା ପଛରେ ନିଆଁ

ପାଣି ଓ ନିଆଁ ମିଶ୍ରଣ ହୋଇପାରେ ନାହିଁ, କିନ୍ତୁ ନ୍ୟୁୟର୍କର ଏକ ଝରଣାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳେ । ଚେଷ୍ଟନଟ ରିଜ୍ ପାର୍କର ଝରଣାର ପଛରେ ନିଆଁ ଜଳୁ ଥିବା ଦେଖିବାକୁ ମିଳେ । ମିଥେନ୍ ଗ୍ୟାସ୍ ଯୋଗୁଁ ଝରଣା ପଛରେ ନିଆଁ ଜଳୁଥିବା କୁହାଯାଏ । ତେବେ ମିଥେନ୍ ଗ୍ୟାସ୍ କେଉଁଠୁ ଆସେ ଓ କେଉଁଠି ବାହାରେ ତାହା କାହାକୁ ଜଣା ନାହିଁ । ବର୍ଷ ବର୍ଷ ଧରି ଝରଣା ପଛରେ ନିଆଁ ଜଳୁଥିବା ଲୋକଙ୍କୁ ଆଶ୍ଚର୍ଯ୍ୟଚକିତ କରେ ।



## ସାପ ଦ୍ୱୀପ

ବ୍ରାଜିଲରେ ରହିଛି ବିଶ୍ୱର ସବୁଠାରୁ ବିପଦଜନକ ସାପ ଦ୍ୱୀପ । ଏହି ଦ୍ୱୀପରେ ବିଭିନ୍ନ ପ୍ରଜାତିର ହଜାର ହଜାର ବିଷାକ୍ତ ସାପ ରହିଛନ୍ତି । ସେଇ ସାପ ମଧ୍ୟରୁ ଏକ ବିରଳ ପ୍ରଜାତିର ସାପ ହେଉଛି ଗୋଲଡେନ୍ ଲାନ୍‌ସହେଡ୍ । ଏହି ସାପ ଅଧିକ ବିଷଧର । ଗୋଲଡେନ୍ ଲାନ୍‌ସହେଡ୍ ସାପ କାମୁଡ଼ିଲେ ବଞ୍ଚିବାର ସମ୍ଭାବନା କମ୍ ଥାଏ । ତେଣୁ ମଣିଷ ଜୀବନ ଓ ଦୁର୍ଲଭ ପ୍ରଜାତିର ସାପକୁ ସୁରକ୍ଷା ଦେବା ପାଇଁ ଏହି ଦ୍ୱୀପକୁ ପର୍ଯ୍ୟଟକଙ୍କ ଯିବା ଉପରେ ପ୍ରତିବନ୍ଧକ ଲଗାଯାଇଛି ।

## ହ୍ରଦ ନିକଟରୁ ଗାଁ ଉଭାନ

କାନାଡ଼ାରେ ଅବସ୍ଥିତ ଏକ ରହସ୍ୟମୟ ହ୍ରଦ । ଏହି ହ୍ରଦର ନାଁ ଏଙ୍ଗିକୁନି । ଏହାର କୂଳରେ ଏକ ଗାଁ ଥିଲା । କୁହାଯାଏ ୧୯୩୦ ମସିହାରେ ଅଚାନକ ଏହି ଗାଁଟି ଉଭେଇ ଯାଇଥିଲା । ଗାଁକୁ ଲାୱେଲ ନାମକ ଜଣେ ବ୍ୟକ୍ତି ପହଞ୍ଚିଲେ । ସେ ଦେଖିଲେ ରୋଷେଇ ପାଇଁ ଚୁଲୀ ପାଖରେ ଖାଦ୍ୟ ସାମଗ୍ରୀ ରଖାଯାଇଛି । ଘର କାମ ଅଧୁରା ହୋଇପଡ଼ିଛି । ତେଣୁ ସେ ଭାବିଲେ ପରିବାର ଲୋକ କୁଆଡ଼େ ଯାଇଛନ୍ତି । କିଛି ସମୟ ପରେ ପୁଣି ଫେରି ଆସିବେ । କିନ୍ତୁ ଗାଁର ରହୁଥିବା ୨୦୦୦ ଲୋକ କେଉଁଆଡ଼େ ଗଲେ, ତାହା ଆଜି ପର୍ଯ୍ୟନ୍ତ କୌଣସି ପତ୍ତା ମିଳିନାହିଁ ।



## ପକ୍ଷୀ ଆତ୍ମହତ୍ୟାର ଗାଁ




ଆସାମର ଜାଟିଙ୍ଗା ଏକ ରହସ୍ୟମୟ ଗାଁ । ଗତ ପାଞ୍ଚ-ଛଅ ଦଶନ୍ଧିରୁ ଅଧିକ ହେଲା ଏହି ଗାଁ ହଜାର ହଜାର ପକ୍ଷୀ ଆତ୍ମହତ୍ୟା କରିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି । ୭୦ରୁ ୯୦ ଦଶକ ମଧ୍ୟରେ ଜାଟିଙ୍ଗରେ ବହୁ ପ୍ରବାସୀ ପକ୍ଷୀ ମୃତ ପଡ଼ିଥିବା ଦେଖିବାକୁ ମିଳିଥିଲା । ପକ୍ଷୀଙ୍କ ମୃତ୍ୟୁକୁ ନେଇ ଅନେକ ରହସ୍ୟମୟ କାହାଣୀ ପ୍ରଚଳିତ । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଏକ ଅଲୌକିକ ଘଟଣା ଯୋଗୁଁ ଏଭଳି ଘଟିଥିଲା । ତେବେ ବିଦ୍ୟୁତ୍ ଚୁମ୍ବକୀୟ ଶକ୍ତିର ପରିଣାମ ଯୋଗୁଁ ପ୍ରବାସୀ ପକ୍ଷୀଙ୍କ ମୃତ୍ୟୁ ହୋଇଥିଲା । ସେତେବେଳେ ଏହି ଘଟଣା ମୁମ୍ବାଇ ନେଚୁରାଲ ହିଷ୍ଟ୍ରି ସୋସାଇଟି ଭଳି ପ୍ରତିଷ୍ଠିତ ସଂସ୍ଥା ଓ ବିଶ୍ୱର ପକ୍ଷୀ ବିଶାରଦମାନଙ୍କ ଧ୍ୟାନ ଆକର୍ଷଣ କରିଥିଲା । ଆଶ୍ଚର୍ଯ୍ୟଜନକ କଥା ହେଉଛି, ପ୍ରତିବର୍ଷ ସେପ୍ଟେମ୍ବରରୁ ନଭେମ୍ବର ମାସ ଶେଷ ପର୍ଯ୍ୟନ୍ତ ରାତିରେ କୃତ୍ରିମ ଆଲୋକରେ ଆକର୍ଷିତ ହୋଇ ବହୁ ସଂଖ୍ୟକ ପ୍ରବାସୀ



ପକ୍ଷୀ ଏହି ଗାଁକୁ ଆସିଥାନ୍ତି । ଆଉ ଆକାଶରୁ ଖସି ପଡ଼ି ମାଟିରେ ମରି ପଡ଼ିଥାନ୍ତି । ସେତେ ଯେମିତି ଆତ୍ମହତ୍ୟା କରିବା ପାଇଁ ପ୍ରବାସୀ ପକ୍ଷୀମାନେ ପ୍ରତିବର୍ଷ ନିର୍ଦ୍ଦିଷ୍ଟ ସମୟରେ ଏଠାକୁ ଧାଇଁ ଆସିଥାନ୍ତି । ଏବେ ବି ପକ୍ଷୀ ବିଜ୍ଞାନୀ, ବିଶେଷଜ୍ଞଙ୍କ ପାଇଁ ପକ୍ଷୀ ମୃତ୍ୟୁର କାରଣ ରହସ୍ୟ ହୋଇରହିଛି । ତେଣୁ ଜାଟିଙ୍ଗାକୁ 'ପକ୍ଷୀ ଆତ୍ମହତ୍ୟା'ର ଗାଁ ବୋଲି କୁହାଯାଉଛି । ବର୍ତ୍ତମାନ ଜାଟିଙ୍ଗ ପ୍ରବାସୀ ପକ୍ଷୀଙ୍କ ଆତ୍ମହତ୍ୟାର କେନ୍ଦ୍ର ଭାବେ ପରିଚିତ । ତେବେ ପ୍ରବାସୀ ପକ୍ଷୀଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସ୍ଥାନୀୟ ଲୋକଙ୍କ ପ୍ରୟାସ ଜାରି ରହିଛି । ଏହି ଗାଁ ଏବେ ପ୍ରକୃତି ପ୍ରେମୀ ଓ ପକ୍ଷୀ ବିଶାରଦଙ୍କୁ ଆକର୍ଷିତ କରୁଛି ।

ସାରା ବିଶ୍ୱରେ ଏଭଳି ଆହୁରି ଅନେକ ବିସ୍ମୟକର ସ୍ଥାନ ରହିଛି । ଯେଉଁ ସ୍ଥାନଗୁଡ଼ିକର ରହସ୍ୟ ଉପରୁ ବୈଜ୍ଞାନିକମାନେ ମଧ୍ୟ ପରଦା ହଟାଇ ପାରିନାହାନ୍ତି । ■



# ବିଶ୍ୱର ରହସ୍ୟମୟ ସ୍ଥାନ



ଡ: ଶୁଭେନ୍ଦୁ ପଟ୍ଟନାୟକ

ସମୁଦ୍ରକୁ ଚାହିଁ ରହିଥିବା ପ୍ରାଚୀନ ପଥର ପ୍ରତିମୂର୍ତ୍ତିଠାରୁ ଆରମ୍ଭ କରି ବିସ୍ତୀର୍ଣ୍ଣ ମରୁଭୂମି ପର୍ଯ୍ୟନ୍ତ, କେଉଁଠାରେ କମ୍ପାସ୍ ବିଫଳ ହୁଏ ତ କେଉଁଠି ରେଡିଓ ସିଗନାଲଗୁଡ଼ିକ ଅଦୃଶ୍ୟ ହୋଇଯାଏ, ଆମ ପୃଥିବୀରେ ଏପରି ଅନେକ ରହସ୍ୟମୟ ସ୍ଥାନ ରହିଛି । ଏ ସ୍ଥାନ ଗୁଡ଼ିକ ରହସ୍ୟରେ ପରିପୂର୍ଣ୍ଣ, ଯାହା ମାନବର ବୁଝାମଣାକୁ ଚ୍ୟାଲେଞ୍ଜ କରେ । ଶତାବ୍ଦୀ ଶତାବ୍ଦୀ ଧରି, ବିଶ୍ୱର ବିଭିନ୍ନ ରହସ୍ୟମୟ ସ୍ଥାନଗୁଡ଼ିକ ଅନେକ ପୌରାଣିକ କାହାଣୀ, ଷଡ଼ଯନ୍ତ୍ର ତତ୍ତ୍ୱ, ଭୟ ଏବଂ ଆକର୍ଷଣ ଆଦିକୁ ପ୍ରଚାର ଓ ପ୍ରସାର କରିଆସିଛି । ବିଜ୍ଞାନ ଏହି ପ୍ରହେଳିକାଗୁଡ଼ିକ ମଧ୍ୟରୁ ଅନେକକୁ ବ୍ୟାଖ୍ୟା କରିଛି, କିନ୍ତୁ କିଛି ପ୍ରଶ୍ନ ଏପର୍ଯ୍ୟନ୍ତ ଅନୁତ୍ତରିତ ରହିଛି, ଯାହା ସେହି ସ୍ଥାନ ବିଷୟରେ ଆମର କୌତୁହଳକୁ ବଞ୍ଚାଇ ରଖିଛି । ବିଶ୍ୱର ସେଭଳି କିଛି ରହସ୍ୟମୟ ସ୍ଥାନଗୁଡ଼ିକକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା ।



## ଇଷ୍ଟର ଦ୍ୱୀପ : ନୀରବ ପ୍ରହରୀ

ବିଶାଳ ପ୍ରଶାନ୍ତ ମହାସାଗରର ମଧ୍ୟଭାଗରେ ପୃଥିବୀର ସବୁଠାରୁ ବିଚ୍ଛିନ୍ନ ଜନବସତି ଦ୍ୱୀପ ମଧ୍ୟରୁ ଗୋଟିଏ ହେଉଛି - ଇଷ୍ଟର ଦ୍ୱୀପ, ଯାହା 'ରପା ନୁଇ' ଭାବରେ ମଧ୍ୟ ପରିଚିତ । ଏହି ଦ୍ୱୀପ ସାରା ଖେଳାଇ ହେଇ ରହିଛି ପ୍ରାୟ ୯୦୦ଟି ବିଶାଳ ପଥର ପ୍ରତିମୂର୍ତ୍ତି । ଏଗୁଡ଼ିକ ମୋଆଇ ନାମରେ ଜଣାଶୁଣା । ଏଥିରୁ କିଛି ମୂର୍ତ୍ତି ୮୦ ଟନରୁ ମଧ୍ୟ ଅଧିକ ଓଜନର । ସେମାନଙ୍କର ଲମ୍ବା ମୁହଁ, ଗଭୀର ଆଖି ଏବଂ ଗମ୍ଭୀର ଭାବ ଶତାବ୍ଦୀ ଶତାବ୍ଦୀ ଧରି ଅନୁସନ୍ଧାନକାରୀ ଏବଂ ବୈଜ୍ଞାନିକମାନଙ୍କୁ ବିସ୍ମିତ କରି ରଖିଛି । ଏହି ପ୍ରତିମାଗୁଡ଼ିକକୁ କିଏ ଓ କିପରି ନିର୍ମାଣ କରିଥିଲେ? ଆଧୁନିକ ଯନ୍ତ୍ରପାତି ବିନା ସେଗୁଡ଼ିକକୁ କିପରି ପରିବହନ କରାଯାଇଥିଲା ଓ ଏଗୁଡ଼ିକକୁ କାହିଁକି ସ୍ଥାପିତ କରାଯାଇଥିଲା ? ଏହାକୁ ନେଇ ଦୀର୍ଘ ସମୟ ଧରି, ହଜିଯାଇଥିବା ସଭ୍ୟତାଠାରୁ ଆରମ୍ଭ କରି ବାହ୍ୟ ଜଗତର ପ୍ରାଣୀମାନଙ୍କ ସାହାଯ୍ୟ ପର୍ଯ୍ୟନ୍ତ ତତ୍ତ୍ୱ ବିଷୟରେ ଅନେକ ଲୋକ କଥା ପ୍ରଚଳିତ । ତଥାପି ପ୍ରତ୍ନତାତ୍ତ୍ୱିକ ଗବେଷଣା ବର୍ତ୍ତମାନ ସୂଚାଇ ଦେଉଛି ଯେ, ପଲିନେସିଆର ବାସିନ୍ଦାମାନେ ୧୩ଶ ଏବଂ ୧୬ଶ ଶତାବ୍ଦୀ ମଧ୍ୟରେ ପଥର ଉପକରଣ ବ୍ୟବହାର କରି ମୋଆଇକୁ ଖୋଦନ କରିଥିଲେ । ମୂର୍ତ୍ତିଗୁଡ଼ିକୁ ରଶି ଏବଂ ସମନ୍ୱିତ ମାନବ ପ୍ରୟାସରେ ସିଧା ଛିଡ଼ା କରାଯାଇଥିବା ପରୀକ୍ଷାରୁ ଜଣାପଡ଼ିଛି ।

ତଥାପି ଏଠି କିଛି ରହସ୍ୟ ରହିଛି । ଅନେକ ମୋଆଇ ଅସମ୍ପୂର୍ଣ୍ଣ ରହିଛି । କିଛି ରହସ୍ୟମୟ ଭାବରେ ଭାଙ୍ଗି ପଡ଼ିଛି । ଏହା କ'ଣ ଆଭ୍ୟନ୍ତରୀଣ ସଂଘର୍ଷ, ପରିବେଶଗତ ପତନ କିମ୍ବା ସାମାଜିକ ପରିବର୍ତ୍ତନ ଯୋଗୁଁ ହୋଇଥିଲା? ତଥାପି ଏଗୁଡ଼ିକ ଏବେ ବି ଇଷ୍ଟର ଦ୍ୱୀପର ଚତୁର ମାନବମାନଙ୍କର ସ୍ମାରକ ଭାବରେ ଠିଆ ହୋଇଛି ।

## କ୍ଷେତ୍ର ୫୧ : ନେଭାଡ଼ା ମରୁଭୂମିରେ ଗୁପ୍ତ କଥା







ନେଭାଡା ମରୁଭୂମିରେ ଲୁଚି ରହିଥିବା କ୍ଷେତ୍ର-୫୧ ବା Area 51 ହୁଏତ ବିଶ୍ୱର ସବୁଠାରୁ ପ୍ରସିଦ୍ଧ ଗୁପ୍ତ ସାମରିକ ଘାଟି । ଦଶନ୍ଧି ଦଶନ୍ଧି ଧରି, ଆମେରିକା ସରକାର ଏହାର ଅସ୍ତିତ୍ୱକୁ ସ୍ୱୀକାର କରିବାକୁ ମନା କରିଦେଇଥିଲା, ଯାହା ଫଳରେ ଏ ବିଷୟରେ ତୀବ୍ର କଳ୍ପନାଜଳ୍ପନା ସୃଷ୍ଟି ହୋଇଥିଲା । ଏହା କ'ଣ ଏଲିଏନ୍ ମହାକାଶଯାନ ପାଇଁ ଏକ ସଂରକ୍ଷଣ ସ୍ଥାନ? ବିପରୀତ-ଇଞ୍ଜିନିୟରିଂ ବାହ୍ୟ ପ୍ରଯୁକ୍ତିବିଦ୍ୟା ପାଇଁ ଏକ କେନ୍ଦ୍ର?

ଏବେ କିଛି ଗୁପ୍ତ ରଖାଯାଇଥିବା ଦଲିଲ ଧୀରେ ଧୀରେ ପ୍ରକାଶିତ ହେବା ପରେ ଏହି ନାଟକୀୟ, ଆକର୍ଷଣୀୟ ଓ ରହସ୍ୟମୟ ସ୍ଥାନର କିଛି ସତ୍ୟାସତ୍ୟ ଆଗକୁ ଆସିଛି । କ୍ଷେତ୍ର ୫୧ କୁ ଶୀତଳ ଯୁଦ୍ଧ ସମୟରେ ଗୁପ୍ତଚର ବିମାନ ଏବଂ ଗୁପ୍ତ ପ୍ରଯୁକ୍ତିବିଦ୍ୟା ଭଳି ଉନ୍ନତ ବିମାନ ବିକାଶ ଏବଂ ପରୀକ୍ଷା କରିବା ପାଇଁ ବ୍ୟବହୃତ କରାଯାଉଥିଲା । ବିଭିନ୍ନ ସାମରିକ ପରୀକ୍ଷଣ ଗୁପ୍ତରେ କରିବା ପାଇଁ ଆବଶ୍ୟକ ଥିଲା, ବିଶେଷକରି ଉତ୍ତେଜନାପୂର୍ଣ୍ଣ ଶୀତଳ ଯୁଦ୍ଧ ସମୟରେ । ଆମେରିକାର ସରକାର ଅନେକ ବ୍ୟାଖ୍ୟା ଓ ତଥ୍ୟ ପ୍ରଦାନ ସତ୍ତ୍ୱେ, କ୍ଷେତ୍ର ୫୧ ଏବେ ବି ଏକ ରହସ୍ୟମୟ କ୍ଷେତ୍ର ଭାବରେ ପରିଚିତ । ଏହାର ପ୍ରତିବନ୍ଧିତ ପ୍ରବେଶ, ଦୂରବର୍ତ୍ତୀ ସ୍ଥାନ ଏବଂ ଗୁପ୍ତତାର ଇତିହାସ ଯୋଗୁଁ ଏହାକୁ ଏକ ରହସ୍ୟମୟ କ୍ଷେତ୍ର ଭାବରେ କଳ୍ପନାଜଳ୍ପନା କରିବାର କେବେ ବି ଅନ୍ତ ହେବ ନାହିଁ ।






## ବରମୁଡ଼ା ତ୍ରିଭୁଜ : ଭୟ ଓ ରହସ୍ୟର କ୍ଷେତ୍ର

ପୃଥିବୀ ରେ ଏପରି ବହୁତ କମ୍ ସ୍ଥାନ ଥିବ ଯାହା ବିଷୟରେ ବରମୁଡା ତ୍ରିଭୁଜ ପରି ଲୋକପ୍ରିୟ କଳ୍ପନା ଓ ଆଲୋଚନା କରାଯାଇଛି । ଫ୍ଲୋରିଡ଼ା, ବରମୁଡ଼ା ଏବଂ ପୁଏର୍ଟୋ ରିକୋ ମଧ୍ୟରେ ବିସ୍ତାରିତ, ଆଟଲାଣ୍ଟିକ ମହାସାଗରର ଏହି ଅଞ୍ଚଳକୁ ଅନେକ ଜାହାଜ ଏବଂ ବିମାନ ନିଖୋଜ ପାଇଁ ଦାୟୀ କରାଯାଇଛି । ଅନେକ କାହାଣୀଗୁଡ଼ିକରେ ଏଠାରେ କମ୍ପାସ ବିଫଳତା, ହଠାତ୍ ଝଡ଼, ଇଲେକ୍ଟ୍ରୋନିକ୍ ଯନ୍ତ୍ରର ତ୍ରୁଟି ଏବଂ ସମୟ ବିକୃତି ଆଦି ବିଷୟରେ ପ୍ରଚାର କରାଯାଇଛି । ୧୯୪୫ ମସିହାରେ ହଜିଯାଇଥିବା ଆମେରିକୀୟ ନୌସେନା ବିମାନର ଏକ ଗୋଷ୍ଠୀ, ଫ୍ଲାଇଟ୍ ୧୯ ପରି ପ୍ରସିଦ୍ଧ ଘଟଣା, କିମ୍ବଦନ୍ତୀ ଗୁଡ଼ିକକୁ ଅଧିକ ଇନ୍ଧନ ଯୋଗାଇଥିଲା । ତଥାପି, ବୈଜ୍ଞାନିକ ବ୍ୟାଖ୍ୟା ଏହି ଘଟଣା ଗୁଡିକ ବିଷୟରେ ଏକ ଭିନ୍ନ ଚିତ୍ର ଦେଇଥାଏ । ବରମୁଡ଼ା ତ୍ରିଭୁଜ ବିଶ୍ୱର ସବୁଠାରୁ ବ୍ୟସ୍ତତମ ଜାହାଜ ଚଳାଚଳ ମାର୍ଗ ମଧ୍ୟରୁ ଗୋଟିଏ । ତେଣୁ ଯେତେବେଳେ ଏଠି ଦୁର୍ଘଟଣା ଘଟେ, ତାହା ଅନେକଙ୍କର ଧ୍ୟାନ ଆକର୍ଷଣ କରେ । ଏଠି ହଠାତ୍ ପାଗ ପରିବର୍ତ୍ତନ, ଗଲ୍ଫ ଷ୍ଟ୍ରିମ୍ ଭଳି ଶକ୍ତିଶାଳୀ ସ୍ରୋତ, ନୌଚାଳନାତ୍ମକ ତ୍ରୁଟି ଏବଂ ମାନବୀୟ ଭୁଲ ପାଇଁ ଅଧିକାଂଶ ଦୁର୍ଘଟଣା ଘଟୁଥିବାର ପ୍ରମାଣ ରହିଛି । କୌଣସି ବିଶ୍ୱସନୀୟ ବୈଜ୍ଞାନିକ ପ୍ରମାଣ ଅଲୌକିକ ବ୍ୟାଖ୍ୟାକୁ ସମର୍ଥନ କରେ ନାହିଁ । ତଥାପି, ବରମୁଡ଼ା ତ୍ରିଭୁଜର ରହସ୍ୟମୟ ଲୋକକଥାର ପ୍ରଚାର ଓ ପ୍ରସାର ବଢି ଚାଲିଛି । ଏବେ କିନ୍ତୁ ଅନେକ ଆଧୁନିକ ଯନ୍ତ୍ରର ବ୍ୟବହାର ଦ୍ୱାରା ବରମୁଡ଼ା ତ୍ରିଭୁଜ ଅଞ୍ଚଳରେ ଆଉ ପ୍ରାୟ ଦୁର୍ଘଟଣା ଘଟୁନାହିଁ



# ଭାରତର ରହସ୍ୟମୟ ସ୍ଥାନ

**ଭାରତରେ ମଧ୍ୟ ଅନେକ ରହସ୍ୟମୟ ସ୍ଥାନ ରହିଛି । ଏହି ସ୍ଥାନଗୁଡ଼ିକ ପ୍ରାକୃତିକ ଘଟଣା, ରହସ୍ୟ, କିମ୍ବଦନ୍ତୀ, ଲୋକକଥା ପାଇଁ ସର୍ବଦା ଚର୍ଚ୍ଚାରେ ରହିଥାଏ । ସେଭଳି କେତୋଟି ସ୍ଥାନ ସଂପର୍କରେ ଜାଣିବା ।**



## କୁଟିଳ ଜଙ୍ଗଲ : ପୋଲାଣ୍ଡର ବଙ୍କା ଗଛ

ପଶ୍ଚିମ ପୋଲାଣ୍ଡରେ ଏକ ଛୋଟ ରହସ୍ୟମୟ ଜଙ୍ଗଲ ଅଛି । ଶହ ଶହ ପାଇନ୍ ଗଛ ସେମାନଙ୍କ ମୂଳରେ ନିକଟରୁ ଉତ୍ତର ଆଡ଼କୁ କିଛି ବାଟ ବଙ୍କା ହୋଇଯିବା ପରେ ପୁଣି ସିଧାସଳଖ ଉପରକୁ ବଢୁଛି । କୁଟିଳ ଜଙ୍ଗଲ ଭାବରେ ଜଣାଶୁଣା, ଏହାର ଭୟଙ୍କର ଦୃଶ୍ୟ ଅନେକ ରହସ୍ୟମୟ ତତ୍ତ୍ୱକୁ ଜନ୍ମ ଦେଇଛି । କେତେକ ବିଶ୍ୱାସ କରନ୍ତି ଯେ, ଫର୍ଣ୍ଣିଚର କିମ୍ବା ଜାହାଜ ନିର୍ମାଣ ପାଇଁ ବକ୍ର କାଠ ତିଆରି କରିବା ପାଇଁ ମଣିଷ ଦ୍ୱାରା ଜାଣିଶୁଣି ଗଛଗୁଡ଼ିକକୁ ବଙ୍କା କରାଯାଇଥିଲା । ଅନ୍ୟମାନେ ଏହାକୁ ମାଧ୍ୟାକର୍ଷଣ ଶକ୍ତି ଅସଙ୍ଗତି କିମ୍ବା ଅଜଣା ପ୍ରାକୃତିକ ଶକ୍ତିର କାର୍ଯ୍ୟ ବୋଲି ବିଶ୍ୱାସ କରନ୍ତି । ସବୁଠାରୁ ଯୁକ୍ତିଯୁକ୍ତ ବ୍ୟାଖ୍ୟା ହେଉଛି ମାନବ ହସ୍ତକ୍ଷେପ । ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ, ଗଛଗୁଡ଼ିକ ୧୯୩୦ ଦଶକରେ ଲଗାଯାଇଥିଲା । ଯାନ୍ତ୍ରିକ ଚାପ ବ୍ୟବହାର କରି ଉଦ୍ଦେଶ୍ୟମୂଳକ ଭାବରେ ଏପରି ଆକୃତି ଦିଆଯାଇଥିଲା । ଯଦିଓ ଏହି ଘଟଣା ଅଲୌକିକ ନ ହୋଇପାରେ, ତଥାପି ଏହି ଦୃଶ୍ୟ ରହସ୍ୟମୟ ମାନବ ଯୋଜନାର ଏକ ନୀରବ ସାକ୍ଷ୍ୟ ।




## ଡାନାକିଲ୍ ଡିପ୍ରେସନ୍ : ପୃଥିବୀର ସବୁଠାରୁ ଉତ୍ତପ୍ତ ଅଞ୍ଚଳ

ଉତ୍ତରପୂର୍ବ ଇଥିଓପିଆରେ ଅବସ୍ଥିତ ଡାନାକିଲ୍ ଡିପ୍ରେସନ୍ ପୃଥିବୀର ସବୁଠାରୁ ଗରମ ଅଞ୍ଚଳ । ଅତି ଗହିରିଆ ଏବଂ ସବୁଠାରୁ ପ୍ରତିକୂଳ ସ୍ଥାନ ମଧ୍ୟରୁ ଏହା ଗୋଟିଏ । ଏଠି ତାପମାତ୍ରା ନିୟମିତ ଭାବରେ ୪୫ ଡିଗ୍ରୀ ସେଲ୍‌ସିୟସ୍ ଅତିକ୍ରମ କରେ । ଏହି ଅଞ୍ଚଳ ଅମ୍ଳୀୟ ଜଳ, ବିଷାକ୍ତ ଗ୍ୟାସ୍, ଲୁଣିଆ ଭୂମି ଏବଂ ସକ୍ରିୟ ଜ୍ୱାଳାମୁଖୀରେ ପରିପୂର୍ଣ୍ଣ । ଏହି ଅଞ୍ଚଳକୁ ବୈଜ୍ଞାନିକମାନେ ପ୍ରାୟତଃ ଅନ୍ୟ ଗ୍ରହର ପୃଷ୍ଠ ସହିତ ତୁଳନା କରନ୍ତି । ଏଠି ହଳଦିଆ, ସବୁଜ, କମଳା ରଙ୍ଗ ଆଦିର ଅନେକ ରଙ୍ଗିନ ଖଣିଜର ଏକ ଅବାସ୍ତବ ଦୃଶ୍ୟ ସୃଷ୍ଟି କରେ । ଅତ୍ୟନ୍ତ କଠିନ ପରିସ୍ଥିତି ସତ୍ତ୍ୱେ, ଏଠାରେ ଜୀବନ ରହିଛି - ଅମ୍ଳୀୟ, ଉଚ୍ଚ-ତାପମାନ ପରିବେଶରେ ବଢୁଥିବା ସୂକ୍ଷ୍ମଜୀବ । ଏହି 'ଏକ୍ସ୍ଟ୍ରୋଫାଇଲ୍ସ' ମଙ୍ଗଳ ଏବଂ ଅନ୍ୟାନ୍ୟ ଗ୍ରହରେ ଜୀବନର ସମ୍ଭାବନା ଅଧ୍ୟୟନ କରୁଥିବା ବୈଜ୍ଞାନିକମାନଙ୍କୁ ଅନେକ ତଥ୍ୟ ପ୍ରଦାନ କରିଥାଏ ।



## କଙ୍କାଳ ହ୍ରଦ

ଉତ୍ତରାଖଣ୍ଡର ହିମାଳୟ ପର୍ବତମାଳା ଉପରେ ରୂପକୁଣ୍ଡ ହ୍ରଦ ଅବସ୍ଥିତ । ଏକ ଛୋଟ ହିମବାହୀ ହ୍ରଦ ଯାହା ବରଫ ଆଚ୍ଛାଦିତ ଶିଖର ଦ୍ୱାରା ଘେରି ରହିଛି । ଯେତେବେଳେ ଗ୍ରୀଷ୍ମ ସମୟରେ ବରଫ ତରଳିଯାଏ, ଏହାର ଧାର ଏବଂ ତଳେ ଶହ ଶହ ମାନବ କଙ୍କାଳ ଦୃଶ୍ୟମାନ ହୁଏ । ବର୍ଷ ବର୍ଷ ଧରି ଏହି ଆବିଷ୍କାର ବୈଜ୍ଞାନିକମାନଙ୍କୁ ବିସ୍ମିତ କରିଛି । ଲୋକକଥାକୁ ମଧ୍ୟ ଇନ୍ଧନ ଦେଇଛି । ସ୍ଥାନୀୟ କିମ୍ବଦନ୍ତୀ ଅନୁଯାୟୀ ଜଣେ କ୍ରୋଧୀ ଦେବୀ କିଛି ଜଣ ଅନୁପ୍ରବେଶକାରୀଙ୍କୁ ଏକ ଘାତକ ଶିଳାବୃଷ୍ଟି ସହିତ ଦଣ୍ଡ ଦେଇଥିଲେ । ସେହିପରି ବୈଜ୍ଞାନିକ ଅଧ୍ୟୟନରୁ ଜଣାପଡ଼ିଛି ଯେ, କଙ୍କାଳଗୁଡ଼ିକ ୯ ମରୁ ୧୯ଶ ଶତାବ୍ଦୀ ଭିତରେ ବିଭିନ୍ନ ସମୟରେ ମୃତ୍ୟୁବରଣ କରିଥିବା ଲୋକଙ୍କର । ଅନେକଙ୍କ ଖପୁରୀରେ ଶକ୍ତ ଆଘାତର ଚିହ୍ନ ଦେଖାଯାଏ, ଯାହା ସମ୍ଭବତଃ ହଠାତ୍ ଝଡ଼ ସମୟରେ ବଡ଼ କୁଆପଥର ମାଡ଼ ଯୋଗୁଁ ହୋଇଥାଇପାରେ ।



## ଭୂତ କୋଠି ଦୁର୍ଗ

ରାଜସ୍ଥାନର ଭାନଗଡ଼ ଦୁର୍ଗକୁ ଭାରତର 'ସର୍ବାଧିକ ଭୂତକୋଠି' ଭାବରେ ବର୍ଣ୍ଣନା କରାଯାଇଛି । ପ୍ରତ୍ନତାତ୍ତ୍ୱିକ ଏବଂ ଐତିହାସିକ ବିଶ୍ଳେଷଣ ଦୃଷ୍ଟିରୁ ଜଳ ଅଭାବ ଏବଂ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ପ୍ରଭାବିତ ଏହା ଏକ ପରିତ୍ୟକ୍ତ ବସତି ଭାବରେ ଜଣାଶୁଣା । ଏହାକୁ ନେଇ ଲୋକପ୍ରିୟ କାହାଣୀଗୁଡ଼ିକ ଜନସାଧାରଣଙ୍କ ଭିତରେ ପ୍ରଚଳିତ ।

ମଣିଷ ପ୍ରକୃତିର ଅନୁସଂଧାନ କରେ । ଏହାକୁ ନବୁଝି ପାରିଲେ ବୁଝିବା ପାଇଁ କାହାଣୀ ମାନ ଗଢ଼ି ତୋଳେ । ଯେତେବେଳେ ଅଜଣା ବିଷୟର ସାମ୍ନା କରାଯାଏ, ଆମେ ବୁଝିବାରେ ଥିବା ଶୂନ୍ୟସ୍ଥାନ ପୂରଣ କରିବା ପାଇଁ କାଳ୍ପନିକ ଓ ପୌରାଣିକ କାହାଣୀ ସୃଷ୍ଟି କରୁ । ରହସ୍ୟମୟ ସ୍ଥାନଗୁଡ଼ିକ ଆମର ଜ୍ଞାନକୁ ଚ୍ୟାଲେଞ୍ଜ କରେ । ଆମକୁ ମନେ ପକାଇ ଦିଅନ୍ତି ଯେ, ବିଶ୍ୱ ଆମର ବ୍ୟାଖ୍ୟା ଅପେକ୍ଷା ବୃହତ୍ ଏବଂ ଅଧିକ ଜଟିଳ ।

ବିଜ୍ଞାନ ରହସ୍ୟକୁ ନଷ୍ଟ କରେ ନାହିଁ - ଏହାକୁ ପରିଷ୍କାର କରେ । ପ୍ରତ୍ୟେକ ଆବିଷ୍କାର ଗୋଟିଏ ପ୍ରଶ୍ନକୁ ଅନେକ ନୂତନ ପ୍ରଶ୍ନରେ ବଦଳାଇଥାଏ । ବ୍ୟାଖ୍ୟା ଓ କାରଣ ବୁଝି ଥିଲେ ମଧ, ଏହି ସ୍ଥାନଗୁଡ଼ିକର ଭାବପ୍ରବଣତା ଓ ରହସ୍ୟର ପ୍ରଭାବ ଦୃଢ଼ ରହିଥାଏ । ବିଶ୍ୱର ରହସ୍ୟମୟ ସ୍ଥାନଗୁଡ଼ିକ କେବଳ ପର୍ଯ୍ୟଟନ ଆକର୍ଷଣ କିମ୍ବା ନୂତନ ତତ୍ତ୍ୱର ଉତ୍ସ ନୁହେଁ । ସେମାନେ ଇତିହାସ, ଭୂତତ୍ତ୍ୱ, ଜଳବାୟୁ, ମାନବ ଆଚରଣ ଏବଂ ଜ୍ଞାନର ସୀମାର ଗଭୀର ବୁଝାମଣାର ପ୍ରବେଶ ଦ୍ୱାର । ଇଷ୍ଟର୍ ଦ୍ୱୀପର ପଥର ମୁହଁଠାରୁ ଆରମ୍ଭ କରି ରୂପକୁଣ୍ଡର କଙ୍କାଳ ପର୍ଯ୍ୟନ୍ତ, ଉତ୍ତପ୍ତ ଡାନାକିଲ୍ ଡିପ୍ରେସନ୍ ଠାରୁ ମେକ୍ସିକୋର ନୀରବ ମରୁଭୂମି ପର୍ଯ୍ୟନ୍ତ, ଏହି ସ୍ଥାନଗୁଡ଼ିକ ଆମକୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସତ୍ୟ ମନେ ପକାଇ ଦିଏ: କୌତୁହଳ ପ୍ରଗତିକୁ ଆଗେଇ ନିଏ, ରହସ୍ୟ ବିଜ୍ଞାନର ଶତ୍ରୁ ନୁହେଁ ବରଂ ଏହାର ଆରମ୍ଭ ଅଟେ । ■

ଜନବିଜ୍ଞାନୀ, ଭୁବନେଶ୍ୱର, ମୋ : ୯୪୩୭୦୦୩୨୮୨

# ରହସ୍ୟମୟ ଦ୍ୱୀପ

**ରହସ୍ୟରେ ଭରପୂର ବିଶ୍ୱରେ ବୁଲିବା ଲାଗି ଅନେକ ଆକର୍ଷଣୀୟ ଓ ସୁନ୍ଦର ସ୍ଥାନ ଅଛି । ଯାହାକି ପର୍ଯ୍ୟଟକଙ୍କୁ ବିଭିନ୍ନ ସମୟରେ ଆକର୍ଷିତ କରିଥାଏ । ତେବେ ଏଭଳି ଆକର୍ଷଣୀୟ ସ୍ଥାନକୁ ନେଇ ରହିଛି ଅନେକ ରହସ୍ୟ । ଏହି ପରିପ୍ରେକ୍ଷୀରେ ଦୁନିଆର କେତେକ ରହସ୍ୟମୟ ଦ୍ୱୀପକୁ ନେଇ ଏହି ବିଶେଷ ଉପସ୍ଥାପନା ।**

## ହୃଦାୟାକୃତି ଦ୍ୱୀପ



ସ୍କଟଲ୍ୟାଣ୍ଡର ଆଇନହାଲୋ ନାମକ ଏକ ରହସ୍ୟମୟ ଦ୍ୱୀପ ଅଛି । ଏହି ସ୍ଥାନକୁ ପର୍ଯ୍ୟଟକ କେବଳ ଥରେ ହିଁ ବୁଲିପାରିବେ । ଦ୍ୱୀପଟି ଦେଖିବାକୁ ହୃଦାୟାକୃତିର । ସେଥିପାଇଁ ଏହା ଖୁବ୍ ସୁନ୍ଦର ଲାଗେ । ତେବେ ଏହି ଦ୍ୱୀପରେ ଜଳପରୀ ରହନ୍ତି । ଏହି ଦ୍ୱୀପ କେବଳ ରହସ୍ୟମୟ ନୁହେଁ ବରଂ ଐତିହାସିକ ମଧ୍ୟ । ଏହି ଦ୍ୱୀପରେ କିଛି ଦୁଷ୍ଟ ଶକ୍ତି ଥିବା କୁହାଯାଏ । ଏହି କାରଣରୁ ଲୋକମାନେ ଏଠାକୁ ଯିବାକୁ ଭୟ କରନ୍ତି । ତେଣୁ ଏହାକୁ ବୁଲିବା ଉଦ୍ଦେଶ୍ୟରେ ବନ୍ଦ କରି ଦିଆଯାଇଛି । ଭୂତ, ପ୍ରେତ ସହିତ ଦୁଷ୍ଟ ଶକ୍ତି ଥିବା ଯୋଗୁଁ କେହି ବି ଆସିଲେ ଏଠାକୁ ଅଦୃଶ୍ୟ ହୋଇଯାନ୍ତି । ଏଦୃଷ୍ଟିରୁ ଏହାକୁ ସାବଧାନତାର ସହ ବର୍ଷକୁ କେବଳ ଥରେ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଖୋଲା ଯାଏ । ଆଇନହାଲୋ ପିନାଫୋକ ନାମକ ରହସ୍ୟମୟ ଜୀବର ଘର ବୋଲି ବିବେଚନା କରାଯାଏ । ପିନାଫୋକ ଜୀବ ଅଧା ମଣିଷ ଓ ଅଧା ମାଛ ଭଳି ଦେଖିବାକୁ । ଏହାକୁ ଅନେକ ଜଳପରୀ ତଥା ମତ୍ସ୍ୟମାନବ ବୋଲି କହନ୍ତି । କୁହାଯାଏ ଏହି ଜୀବ ଯାଦୁଗର । ସେମାନେ ନିଜ ଦୁନିଆରେ ରହନ୍ତି । ଗରମ ଦିନରେ ଏହା ଭୂମି ଉପରକୁ ଆସନ୍ତି । ଆଜି ଏହା ରହସ୍ୟମୟ ସ୍ଥାନ ଭାବେ ଜଣା ଥିଲେ ବି ଦ୍ୱାଦଶ ଶତାବ୍ଦୀରେ ଏଠାରେ ଏକ ଚର୍ଚ୍ଚ ଏବଂ ମଠ ତିଆରି କରାଯାଇଥିଲା । ଯାହାର ଧ୍ୱଂସାବଶେଷ ଆଜି ମଧ୍ୟ ରହିଛି । ଅଷ୍ଟାଦଶ ଏବଂ ଊନବିଂଶ ଶତାବ୍ଦୀରେ ଲୋକମାନେ ଏଠାରେ ରହୁଥିଲେ, କିନ୍ତୁ ୧୮୫୧ ମସିହାରେ ପ୍ଲେଗ୍ ରୋଗର ପ୍ରାଦୁର୍ଭାବ ଯୋଗୁଁ ଲୋକମାନେ ଏହାକୁ ଛାଡ଼ି ଚାଲିଗଲେ । ସେବେଠାରୁ ଏହି ଦ୍ୱୀପଟି ନିର୍ଜନ ହୋଇ ରହିଛି । ସେହିପରି ଦ୍ୱୀପକୁ ଯିବା ଲାଗି ଆଜି ବି କୌଣସି ନିୟମିତ ଡଙ୍ଗାର ସୁବିଧା ନାହିଁ । ଅର୍କନି ହେରିଟେଜ୍ ସୋସାଇଟି ପ୍ରତ୍ୟେକ ଗ୍ରୀଷ୍ମ ଋତୁରେ ଏକ ସ୍ୱତନ୍ତ୍ର ଦିନ ଆୟୋଜନ କରେ । ସେତେବେଳେ କିଛି ଲୋକ ଏହି ରହସ୍ୟମୟ ସ୍ଥାନକୁ ପରିଦର୍ଶନ କରିବାର ସୁଯୋଗ ପାଆନ୍ତି ।

## ଅଭିଶପ୍ତ ଦ୍ୱୀପ

ଇଟାଲିର ନେପଲ୍ସ ଉପସାଗରରେ 'ଗାୟୋଲା' ନାମକ ଏକ ସୁନ୍ଦର ଏବଂ ରହସ୍ୟମୟ ଦ୍ୱୀପ ଅଛି । କୁହାଯାଏ, ଏହି ଦ୍ୱୀପକୁ କିଣୁଥିବା ଲୋକଙ୍କ ମୃତ୍ୟୁ ହୋଇଯାଏ । ନଚେତ ତା'ର ପୂରା ପରିବାର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ । ଏହି ଦ୍ୱୀପଟି ଏତେ ସୁନ୍ଦର ଯେ, ଏହାକୁ ଦେଖିଲେ ଆକର୍ଷିତ ହେବା ଥୟ । ପ୍ରତିବର୍ଷ ଏହି ସୁନ୍ଦର ଦ୍ୱୀପକୁ ଦେଖିବା ଲାଗି ହଜାର ହଜାର ଲୋକ ଆସନ୍ତି । ହେଲେ ଭୟ ଯୋଗୁଁ ଅନ୍ଧାର ହେବା ପୂର୍ବରୁ ହିଁ ଲୋକେ ସ୍ଥାନ ଛାଡ଼ି ଚାଲି ଯାଆନ୍ତି । ଅଭିଶପ୍ତ ହେବା ଯୋଗୁଁ ଦ୍ୱୀପଟି ଭୟାନକ ବୋଲି କୁହାଯାଉଛି । ତେବେ ଏହି ଦ୍ୱୀପକୁ କିଣୁଥିବା ଲୋକଙ୍କର ମୃତ୍ୟୁ ହେବା ଭଳି ଘଟଣା ଦ୍ୱୀପଟିକୁ ଅଭିଶପ୍ତର ଆଖ୍ୟା ପ୍ରଦାନ କରିଛି । ଏହି ଦ୍ୱୀପକୁ ରାତିରେ ଯିବା ପାଇଁ କାହା ପାଖରେ ସାହସ ନ ଥାଏ ।



ସପ୍ତମ ଶତାବ୍ଦୀରେ ଏହି ଦ୍ୱୀପ ଅନେକ ରୋମାନ କାରଖାନାର ଘର ଥିଲା । ପରେ ଏହାକୁ ନେପଲ୍ସ ଉପସାଗରକୁ ସୁରକ୍ଷା ଦେବା ପାଇଁ ବ୍ୟବହାର କରାଯାଇଥିଲା । ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଜଣେ ପାଦ୍ରୀ ମତ୍ସ୍ୟଜୀବୀଙ୍କୁ ସାହାଯ୍ୟ କରିବା ପାଇଁ ଦ୍ୱୀପରେ ରହୁଥିଲେ । ସେହି ପୂଜାରୀଙ୍କୁ ଯାଦୁକର ବୋଲି କୁହାଯାଉଥିଲା । ୧୮୭୧ ମସିହାରେ ଏକ ମାଛଧରା କମ୍ପାନୀର ମାଲିକ ଲୁଇଗି ନେଗ୍ରୀ ଏହି ଦ୍ୱୀପଟିକୁ କିଣିଥିଲେ । ସେଠାରେ ଏକ ବଙ୍ଗଳା ନିର୍ମାଣ କରିଥିଲେ । ପରବର୍ତ୍ତୀ ସମୟରେ ଲୁଇଗି ନେଗ୍ରୀଙ୍କ କମ୍ପାନୀ ଭୁଶୁଡ଼ି ପଡ଼ିଲା । ବିଂଶ ଶତାବ୍ଦୀରେ ଏହି ଦ୍ୱୀପ ବିଭିନ୍ନ ବ୍ୟକ୍ତିଙ୍କ ମାଲିକାନାରେ ଥିଲା । ଗାୟୋଲାର ମାଲିକମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ପରବର୍ତ୍ତୀ ସମୟରେ ଏହି ଦ୍ୱୀପକୁ ଅଭିଶପ୍ତ କୁହାଗଲା । କୁହାଯାଏ ଯେ ୧୯୨୦ ମସିହାରେ ଦ୍ୱୀପର ମାଲିକ ହାନ୍ସ ବ୍ରାଉନ ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁବରଣ କରିଥିଲେ । ଏହାର କିଛି ସମୟ ପରେ ତାଙ୍କ ସ୍ତ୍ରୀ ସମୁଦ୍ରରେ ବୁଡ଼ି ମୃତ୍ୟୁବରଣ କଲେ । ଏହିପ୍ରକାରେ ଦ୍ୱୀପର ଅନେକ ମାଲିକଙ୍କ ମୃତ୍ୟୁ ବିଭିନ୍ନ କାରଣରୁ ହୋଇଥିଲା ।



## ନାଗାସାକିର ଭୂତ ଦ୍ୱୀପ

ହାସିମା ଦ୍ୱୀପ ହେଉଛି ନାଗାସାକି ସହରଠୁ ପ୍ରାୟ ୧୫ କିମି ଦୂରରେ ଥିବା ଏକ ନିର୍ଜନ ଦ୍ୱୀପ । କୁହାଯାଏ, ଏଠାରେ ୧୩୦୦ ନିର୍ଯାତିତ ସାଧାରଣ ନାଗରିକ ଏବଂ ଯୁଦ୍ଧବନ୍ଦୀଙ୍କ ମୃତଦେହକୁ ସମାଧି ଦିଆଯାଇଛି । ଯାହାଙ୍କ ଆତ୍ମା ଦ୍ୱୀପ ଭିତରେ ଘୂରି ବୁଲୁଛି । ୪୦ ବର୍ଷରୁ ଅଧିକ ସମୟ ଧରି ନିର୍ଜନ ପଡ଼ିଥିବା ଏହି ଦ୍ୱୀପକୁ ବୁଲିବା ଲାଗି ଭୟାନକ ବୋଲି କୁହାଯାଏ । ଏହାର ୯୫ ପ୍ରତିଶତ ଅଂଶରେ ଏବେ ବି ଲୋକଙ୍କ ପ୍ରବେଶ ମନା । ଏହି ଦ୍ୱୀପ ୧୬ ଏକର ଜାଗାରେ ବ୍ୟାପ୍ତ । ଯାହାକୁ ଗୁଙ୍କନଜିମା ନାଁରେ ପରିଚିତ । ଏହାର ଅର୍ଥ ହେଉଛି ଯୁଦ୍ଧପୋତ ଦ୍ୱୀପ । ଏହି ଦ୍ୱୀପଟି ମୂଳତଃ ୧୮୦୦ ଦଶକରେ ଏକ କୋଇଲା ଖଣି ସହର ଭାବରେ ସମୃଦ୍ଧ ହୋଇଥିଲା । ୧୯୫୯ ମସିହାରେ ସେଠାରେ ପାଞ୍ଚ ହଜାରରୁ ଅଧିକ ଲୋକ ରହୁଥିଲେ । ଏଠାରେ ୧୮୮୭ ରୁ ୧୯୭୪ ପର୍ଯ୍ୟନ୍ତ କୋଇଲା ଖଣି ଚାଲିଥିଲା । ଖଣିରୁ ନିର୍ଗତ ଧୂଆଁ ସହିତ ମିଶିଥିବା ପ୍ରବଳ ସମୁଦ୍ର ବାୟୁ ଗୁରୁତର ଶ୍ୱାସରୋଗ ସୃଷ୍ଟି କରିଥିଲା । ପରେ କୋଇଲା ଭଣ୍ଡାର ଧୀରେ ଧୀରେ ହ୍ରାସ ପାଇବାରୁ ଖଣି କାର୍ଯ୍ୟ ବନ୍ଦ ହୋଇଗଲା । କିଛି ସମୟ ପରେ ମାଲିକ, କର୍ମଚାରୀ ଏବଂ ଶ୍ରମିକମାନେ ଧୀରେ ଧୀରେ ଅନ୍ୟତ୍ର ଚାଲିଗଲେ ଏବଂ ଦ୍ୱୀପଟି ଖାଲି ହୋଇଗଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଚୀନ୍ ଯୁଦ୍ଧବନ୍ଦୀଙ୍କୁ ଶୋଷିତ କୋରିଆନ୍ ପ୍ରବାସୀମାନଙ୍କ ସହିତ ହାସିମାକୁ ଅଣାଯାଇଥିଲା । ଯେଉଁଠାରେ ସେମାନଙ୍କୁ ଖଣି ଭିତରେ କଠୋର ଏବଂ ଅମାନବୀୟ ଅବସ୍ଥାରେ କାମ କରିବାକୁ ବାଧ କରାଯାଇଥିଲା । ଏହି ସମୟ ମଧ୍ୟରେ ସେମାନଙ୍କ ପାଖରେ ଦ୍ୱୀପ ଛାଡ଼ି ପଳାଇବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥିଲା । ଏହା ବ୍ୟତୀତ ସେଠାରେ କାମ କରିବା ସମୟରେ ହଜାର ହଜାର ଲୋକ ଭୋକରେ ମୃତ୍ୟୁବରଣ କରିଥିଲେ । ଲୋକମାନେ ଏହି ସ୍ଥାନକୁ ଏକ ଭୂତ ଦ୍ୱୀପ ବୋଲି ମଧ୍ୟ କୁହନ୍ତି । ସେହିପରି ବହୁ ବର୍ଷ ଧରି ସରକାର ଏହି ଦ୍ୱୀପକୁ ବନ୍ଦ କରିଦେଇଥିଲେ । ୨୦୦୯ ମସିହା ଏପ୍ରିଲ ୨୨ରେ ଏହା ପର୍ଯ୍ୟଟକଙ୍କ ପାଇଁ ପୁଣି ଖୋଲିଥିଲା । ଏହି ଦ୍ୱୀପରେ ଅନେକ ଚଳଚ୍ଚିତ୍ର ମଧ୍ୟ ସୁଟିଂ ହୋଇଛି । ୨୦୦୯ ମସିହାରେପର୍ଯ୍ୟଟକମାନେ ଏହି ଦ୍ୱୀପ ପରିଦର୍ଶନ କରିପାରିଲେ । ଏହାକୁ ୨୦୧୫ ମସିହାରେ ଏହାକୁ ୟୁନେସ୍କୋ ତାଲିକାରେ ସାମିଲ କରାଯାଇଥିଲା ।

## ଭୂତ ଦ୍ୱୀପ

ଇଟାଲିରେ ଆଉ ଏକ ଦ୍ୱୀପ ଅଛି, ଏହାର ନାଁ ପୋଭେଗ୍ଲିୟା । ଏହି ଦ୍ୱୀପ ବେନି ଏବଂ ଲିଡୋ ସହର ମଝିରେ ଅବସ୍ଥିତ । ତେବେ ଏହା ଭୂତ ଦ୍ୱୀପ ଭାବେ ପରିଚିତ । ଦୀର୍ଘ ୫୪ ବର୍ଷରୁ ଅଧିକ ବର୍ଷ ହେବ ଏହାକୁ ବନ୍ଦ କରି ରଖାଯାଇଛି । ଏହି ସ୍ଥାନକୁ ପର୍ଯ୍ୟଟକଙ୍କର ଯିବା ଆସିବା ସମ୍ପୂର୍ଣ୍ଣ ନିଷେଧ । ଏହି ସ୍ଥାନରେ ୧୯୩୦ ମସିହା ପାଖାପାଖି ମାନସିକ ରୋଗର ଏକ ଡାକ୍ତରଖାନା ଚାଲିଥିଲା । ତେବେ ହସ୍ପିଟାଲର ନିର୍ଦ୍ଦେଶକ ଏକ ଉଚ୍ଚ ଟାୱାରରୁ ଡେଇଁ ଆତ୍ମହତ୍ୟା କରିଥିଲେ । ଏହା ପରେ ଏହି ଆତ୍ମହତ୍ୟା ସହିତ ଜଡ଼ିତ ତମାମ କାହାଣୀ ସାମ୍ନାକୁ ଆସିବାକୁ ଲାଗିଲା । ଫଳରେ ଏହି ସ୍ଥାନକୁ ନେଇ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହେଲା । କୁହାଯାଏ ହସ୍ପିଟାଲରେ ଥିବା ରୋଗୀଙ୍କ ଉପରେ ବିଭିନ୍ନ ପ୍ରକାର ପ୍ରୟୋଗ ବା ଗବେଷଣା କରାଯାଉଥିଲା । ଆଜି ମଧ୍ୟ ଏଠାକାର ନିର୍ଜନ କୋଠାରେ ଡାକ୍ତରଙ୍କ ଉପକରଣ ଏବଂ ଭଙ୍ଗା ବିଛଣା ପଡ଼ିଛି । ସେହିପରି କିଛି ଦିନ ଲାଗି ଏଠାରେ ନର୍ସିଂ ହୋମ୍ ବି ଚାଲିଥିଲା । ୧୯୬୮ ମସିହାରେ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଗଲା । ତେବେ ଏମିତି ବି କୁହାଯାଏ ଚତୁର୍ଦ୍ଦଶ ଶତାବ୍ଦୀରେ ଏଠାରେ ପ୍ଲେଗ ବ୍ୟାପିଥିଲା ଏବଂ ପ୍ରାୟ ୧ ଲକ୍ଷ ୬୦ ହଜାର ଲୋକ ପ୍ରାଣ ହରାଇଥିଲେ । ତେବେ ୨୦୧୫ ମସିହାରେ ଏହାକୁ ପୁଣି ଥରେ ବିକଶିତ କରିବାକୁ ଚେଷ୍ଟା କରାଯାଇଥିଲା । ହେଲେ ଏହା ହେଇପାରିଲା ନାହିଁ । ଅବଶ୍ୟ ବେଳେ ବେଳେ ଏହି ସ୍ଥାନକୁ ୟୁଟ୍ୟୁବର ଆସି ଭିଡିଓ ପୋଷ୍ଟ କରନ୍ତି ।





## ଅଦୃଶ୍ୟ ଦ୍ୱୀପ

ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ଅଷ୍ଟ୍ରେଲିଆ ଏବଂ ନ୍ୟୁ କାଲେଡୋନିଆ ମଧ୍ୟରେ ଏକ ରହସ୍ୟମୟ ଦ୍ୱୀପ ଅଛି । ଏହା ହେଉଛି ସାଣ୍ଡି ଦ୍ୱୀପ। ବହୁ ବର୍ଷ ଧରି ବୈଜ୍ଞାନିକମାନଙ୍କ ପାଇଁ ଏହା ଏକ ପ୍ରମୁଖ ରହସ୍ୟ ହୋଇ ରହିଛି । ଏହି ଦ୍ୱୀପ କେତେବେଳେ ମ୍ୟାପ୍‌ରେ ଦେଖାଯାଏ ତ ପୁଣି ଅଦୃଶ୍ୟ ହୋଇଯାଏ। ଏହାକୁ ନେଇ ବିଶେଷଜ୍ଞମାନେ ବି ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟ। ଏହାର ରହସ୍ୟ ଏତେ ଗଭୀର ଯେ, ଏବେ ସୁଦ୍ଧା ସ୍ପଷ୍ଟ ହୋଇପାରିଲାନି ଏହା କେବେ ଅସ୍ତିତ୍ୱରେ ଥିଲା କି ନାହିଁ। ଏହି ରହସ୍ୟମୟ ଦ୍ୱୀପର ଇତିହାସ ପ୍ରାୟ ତିନି ଶତାବ୍ଦୀ ପୁରୁଣା । ଏହାକୁ ପ୍ରଥମେ ବ୍ରିଟିଶ ପରିଭ୍ରମଣକାରୀ କ୍ୟାପଟେନ ଜେମ୍ସ କୁକ୍ ତାଙ୍କ ୧୭୭୬ ମସିହାର ଚାର୍ଟ ଅଫ୍ ଡିସକଭର୍ସିଜ୍‌ରେ ବର୍ଣ୍ଣନା କରିଥିଲେ । ଏହାର ଠିକ୍ ୧୦୦ ବର୍ଷ ପରେ ୧୮୭୬ ମସିହାରେ ଏକ ହ୍ୱେଲ ଶିକାର ଜାହାଜ ଭେଲୋସିଟି ଏହି ଦ୍ୱୀପକୁ ଦେଖିଥିବା ଦାବି କରିଥିଲା । ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ, ଏହା ଶେଷ ଥର ପାଇଁ ୧୮୯୫ ମସିହାରେ ଦେଖିବାକୁ ମିଳିଥିଲା । କୁହାଯାଏ ଏହି ଦ୍ୱୀପ ପ୍ରାୟ ପ୍ରାୟ ୨୪ କିମି ଲମ୍ବା ୫ କିମି ଚଉଡ଼ା । ୨୦୧୨ ମସିହାରେ, ଅଷ୍ଟ୍ରେଲୀୟ ବୈଜ୍ଞାନିକମାନଙ୍କର ଏକ ଦଳ ସାଣ୍ଡି ଦ୍ୱୀପ ଖୋଜିବା ପାଇଁ ସେହି ସ୍ଥାନରେ ପହଞ୍ଚିଥିଲେ। ଘଣ୍ଟା ଘଣ୍ଟା ଖୋଜାଖୋଜି କରିବା ସତ୍ତ୍ୱେ, ବୈଜ୍ଞାନିକମାନେ ସମୁଦ୍ର ପାଣି ବ୍ୟତୀତ ଆଉ କିଛି ପାଇଲେ ନାହିଁ। ବୈଜ୍ଞାନିକମାନଙ୍କ ଏହି ରିପୋର୍ଟର ମାତ୍ର ଚାରି ଦିନ ପରେ ଗୁଗୁଲ୍ ମ୍ୟାପ୍ ମଧ୍ୟ ଏହି ଦ୍ୱୀପକୁ ତା'ର ସେବାରୁ ହଟାଇ ଦେଇଥିଲା। ଅନ୍ୟପଟେ ଏହି ରହସ୍ୟ ଏବେ ବି ଭୂଗୋଳ ଏବଂ ବିଜ୍ଞାନ ଜଗତରେ ଏକ ବଡ଼ ପ୍ରହେଳିକା ହୋଇ ରହିଛି ।



## ବିପଦଜନକ ଦ୍ୱୀପ

ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ଉତ୍ତର ସେଣ୍ଟିନଲ୍ ଦ୍ୱୀପ ସବୁବେଳେ ଚର୍ଚ୍ଚାରେ ରହିଥାଏ । ଏହାକୁ ବିଶ୍ୱର ସବୁଠୁ ଭୟଙ୍କର ତଥା ବିପଦଜନକ ଦ୍ୱୀପ ବୋଲି ବିବେଚନା କରାଯାଏ । ଏଠାରେ ସେଣ୍ଟିନଲ୍ ଜନଜାତିର ଲୋକ ବାସ କରନ୍ତି । ସେମାନଙ୍କର ଦୁନିଆ ସହିତ କୌଣସି ସମ୍ପର୍କ ନ ଥାଏ । ଏବେ ସୁଦ୍ଧା ଏହି ଜନଜାତି ଆଧୁନିକ ସଭ୍ୟତାଠାରୁ ଅପରିଚିତ । ବାହାର ଲୋକଙ୍କ ସଂସ୍ପର୍ଶରେ ଆସିବା ମାତ୍ରେ ହିଁ ସେମାନେ ହିଂସ୍ର ପ୍ରତିକ୍ରିୟା ଦେଇଥାନ୍ତି । ୨୦୧୮ ମସିହାରେ ଏହି ଦ୍ୱୀପର ଚର୍ଚ୍ଚା ଅକସ୍ମାତ ଆରମ୍ଭ ହୋଇଥିଲା । ଏଠାକୁ ୨୬ ବର୍ଷୀୟ ଖ୍ରୀଷ୍ଟିଆନ ମିଶନାରୀ ଜନ୍ ଆଲେନ୍ ଚାଉ ଯିବାକୁ ଚେଷ୍ଟା କରିଥିଲେ, କିନ୍ତୁ ଦ୍ୱୀପବାସୀ ତାଙ୍କୁ ତୀର ମାରି ହତ୍ୟା କରିଥିଲେ । କାରଣ ଦ୍ୱୀପକୁ ଅବୈଧ ଭାବେ ସେ ପ୍ରବେଶ କରିବାକୁ ପ୍ରୟାସ କରିଥିଲେ । ତା'ସହ ସେ ଆଦିବାସୀମାନଙ୍କୁ ଖ୍ରୀଷ୍ଟିଆନ ଧର୍ମରେ ପରିବର୍ତ୍ତନ କରିବାକୁ ଚେଷ୍ଟା କରିଥିଲେ । ତେବେ ଏଠାରେ କେବଳ ଏକମାତ୍ର ଚାଉଙ୍କ ମୃତ୍ୟୁ ହୋଇ ନାହିଁ । ୨୦୦୬ ମସିହାରେ ଏଠାରେ ମାଛ ଧରିବାକୁ ଯାଇଥିବା ଦୁଇଜଣ ମତ୍ସ୍ୟଜୀବୀଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା ।

ସେଣ୍ଟିନଲ୍ ଦ୍ୱୀପରେ ବସବାସ କରୁଥିବା ଜନଜାତି ଅନ୍ୟ ଜାତିଙ୍କ ସହିତ କୌଣସି ସମ୍ବନ୍ଧ ରଖି ନ ଥାନ୍ତି । ସେମାନଙ୍କର ଅସ୍ତ୍ରଶସ୍ତ୍ର ମଧ୍ୟ କାଠ, ପଥର ଏବଂ ହାଡ଼ରେ ତିଆରି । ସେମାନଙ୍କର ଭାଷା, ପରମ୍ପରା ଏବଂ ଜୀବନଶୈଳୀ ସମ୍ପୂର୍ଣ୍ଣ ରହସ୍ୟରେ ପରିପୂର୍ଣ୍ଣ । ଭାରତ ସରକାର ଉତ୍ତର ସେଣ୍ଟିନଲ୍ ଦ୍ୱୀପପୁଞ୍ଜର ସୁରକ୍ଷା ଏବଂ ସେମାନଙ୍କର ଅନନ୍ୟ ଜୀବନଶୈଳୀକୁ ସୁରକ୍ଷା ଦେବା ପାଇଁ ଏହାର ପ୍ରବେଶ ଉପରେ କଠୋର କଟକଣା ଲାଗୁ କରିଛନ୍ତି । ପ୍ରାୟ ୯ କିଲୋମିଟର ମଧ୍ୟରେ କୌଣସି ସାଧାରଣ ଲୋକଙ୍କୁ ଦ୍ୱୀପ ପାଖକୁ ଯିବାକୁ ଅନୁମତି ନାହିଁ । ଏହି ନିୟମର ଉଲ୍ଲଂଘନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ।

## ସିଗଲ୍ ଦ୍ୱୀପ



ମୁମ୍ବାଇର ଦେବବାଗ ସମୁଦ୍ରକୂଳରେ ସିଗଲ୍ ଦ୍ୱୀପ ଅଛି । ଏହା ମୁମ୍ବାଇଠାରୁ ପ୍ରାୟ ୪୨.୫ କିମି ଦୂରରେ ଅବସ୍ଥିତ । ଏହା 'ମିନି ଥାଇଲାଣ୍ଡ' ଭାବେ ପରିଚିତ । ତେବେ ଏହି ସ୍ଥାନଟି ରହସ୍ୟରେ ଭରପୂର । କୁହାଯାଏ, ପ୍ରକୃତି ଓ ଦୁଃସାହସିକ କାର୍ଯ୍ୟ ପ୍ରତି ସଉକ ରଖୁଥିବା ଲୋକଙ୍କ ପାଇଁ ଏହା କୌଣସି ସ୍ୱର୍ଗଠାରୁ କମ୍ ନୁହେଁ । ପ୍ରକୃତି ତଥା ପ୍ରାକୃତିକ ପରିବେଶକୁ ଉପଭୋଗ କରୁଥିବା ଲୋକେ ଏହି ସ୍ଥାନକୁ ଆସିବାକୁ ବେଶି ପସନ୍ଦ କରନ୍ତି । ତେବେ ଏ ଦ୍ୱୀପ ଅନ୍ୟ ଦ୍ୱୀପଗୁଡ଼ିକଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏହାର ବିଶେଷତ୍ୱ ହେଉଛି ଯେ, ଦ୍ୱୀପ କେବଳ ଦିନରେ ଥରୁଟିଏ ସମୁଦ୍ରରୁ ୩୦ ମିନିଟ୍ ପାଇଁ ବାହାରକୁ ବାହାରି ଥାଏ । ତେଣୁ ଏହା ପର୍ଯ୍ୟଟକଙ୍କ ପାଇଁ ଏକ ଅଦ୍ଭୁତ ତଥା ଆକର୍ଷଣର କେନ୍ଦ୍ର ପାଲଟିଛି । ଅନ୍ୟପଟେ ଦ୍ୱୀପର ନାଁ ଏଠାକୁ ଆସୁଥିବା ପକ୍ଷୀ ମୁଖ୍ୟତଃ ସିଗଲ୍ ନାଁରେ ରଖାଯାଇଛି । ସିଗଲ୍, ଟର୍ଣ୍ଣ ଏବଂ କିଙ୍ଗଫିସର ପକ୍ଷୀ ମଧ୍ୟ ଏଠାରେ ଦେଖାଯାନ୍ତି । ଦେବବାଗ ସମୁଦ୍ରକୂଳର ଶେଷ ପର୍ଯ୍ୟନ୍ତ ଏହି ଦ୍ୱୀପକୁ ଚାଲିକି ଯିବା ସମ୍ଭବ । କାରଣ ଏହାର ଜଳ ସ୍ତର ତିନି ଫୁଟ୍ । ଅନ୍ୟପଟେ ଦ୍ୱୀପଟିର ସ୍ୱଚ୍ଛ ପରିବେଶ ଏହାକୁ ଆହୁରି ସ୍ୱତନ୍ତ୍ର କରାଇପାରିଛି । ଏହି ସ୍ଥାନକୁ ଆସୁଥିବା ପର୍ଯ୍ୟଟକ ସନ୍‌ବାଥିଂର ମଜା ନେଇଥାନ୍ତି । ଏହାବାଦ୍ ଏଭଳି ଏକ ପ୍ରାକୃତିକ ପରିବେଶରେ ପକ୍ଷୀଙ୍କୁ ଦେଖିବା ଅବସର ଲୋକେ ହାତଛଡ଼ା କରନ୍ତି ନାହିଁ । ଏଠାରେ ବହୁତ କିଛି କରିବାର ସୁଯୋଗ ନ ଥିଲେ ବି କେବଳ ଖୋଲା ଆକାଶ ତଳେ ବସିବା ହିଁ ଲୋକଙ୍କ ପାଇଁ ଯଥେଷ୍ଟ ।

ସାରା ବିଶ୍ୱରେ ଆହୁରି ଅନେକ ରହସ୍ୟମୟ ଦ୍ୱୀପ ରହିଛି । ଯାହାକୁ ନେଇ ବର୍ଷ ବର୍ଷ ଧରି ଚର୍ଚ୍ଚା ଲାଗି ରହିଛି । ■



# ରହସ୍ୟମୟ ବିଶ୍ୱ





ଇଂ. ମାୟାଧର ସ୍ୱାଇଁ

**ପୃଥିବୀରେ ଅନେକ କଳାକୃତି, ରହସ୍ୟମୟ ସ୍ଥାନ, ଘଟଣା, ବସ୍ତୁ ଓ କିମ୍ବଦନ୍ତୀ ଅଛି, ଯାହା ସତ୍ୟ ମନେ ହେଉଥିଲେ ସୁଦ୍ଧା ତାହାର କିଛି ପ୍ରମାଣ ନାହିଁ । ଅନେକ ଘଟଣାକୁ ବିଜ୍ଞାନ ମଧ୍ୟ ବୁଝାଇ ପାରୁନାହିଁ । ହୁଏତ ଏହାକୁ ବୁଝାଇବାକୁ ବର୍ତ୍ତମାନର ବିଜ୍ଞାନ ସକ୍ଷମ ନୁହେଁ କିମ୍ବା ଏହାର ସତ୍ୟତାକୁ ନେଇ ସନ୍ଦୀହାନ । ଏହିପରି କେତୋଟି ଘଟଣାକୁ ଏଠାରେ ଅବତାରଣା କରାଯାଉଛି ।**




## ମେକ୍ସିକୋର ନିସ୍ତବ୍ଧ ଅଞ୍ଚଳ

ମେକ୍‌ସିକୋର ଚିହୁଆହୁଆନ୍ ମରୁଭୂମିର ଏକ ଜନବସତିଶୂନ୍ୟ ଅଞ୍ଚଳକୁ ବାହାରର ରେଡିଓ, ଟେଲିଭିଜନ କିମ୍ବା କୃତ୍ରିମ ଉପଗ୍ରହ ସଙ୍କେତ ଯାଇ ପାରେ ନାହିଁ। ଏଣୁ ଏହାକୁ ନିସ୍ତବ୍ଧ ଅଞ୍ଚଳ କୁହାଯାଏ । ଏହା ମେକ୍‌ସିକୋ ସହରଠାରୁ ୬୪୦ କିମି ଦୂରରେ ଅବସ୍ଥିତ। ଏହି ଅଞ୍ଚଳରେ ରହସ୍ୟମୟ ଆଲୋକ, ଅଜଣା ଉଡ଼ନ୍ତା ବସ୍ତୁ ଓ ପୃଥିବୀ ବାହାରର ଜୀବ ଦେଖାଯାଉଥିବା ଭଳି ଆଶ୍ଚର୍ଯ୍ୟଜନକ କାର୍ଯ୍ୟକଳାପ ଘଟିଥିବାର ଅନେକ ପ୍ରତ୍ୟକ୍ଷଦର୍ଶୀ ବର୍ଣ୍ଣନା କରିଛନ୍ତି । କେତେକ ବିଶ୍ୱାସ କରନ୍ତି ଯେ ବାହ୍ୟଜଗତର ଜୀବମାନେ ଏହି ସ୍ଥାନରେ ପୃଥିବୀକୁ ଅବତରଣ କରିଥାଆନ୍ତି । ଏହାର କୌଣସି ବିଶ୍ୱସନୀୟ ପ୍ରମାଣ ନାହିଁ। କିନ୍ତୁ ଏଠାରେ ଘଟୁଥିବା କିଛି ଅବୁଝା ଘଟଣା ଯୋଗୁଁ ଲୋକମାନେ ବାହ୍ୟଜୀବ ବା ଏଲିନ୍ ଉପରେ ବିଶ୍ୱାସ କରୁଛନ୍ତି। ଏହି ଘଟଣାକୁ ବିଜ୍ଞାନ ଅନୁସାରେ ବୁଝି ହେଉନାହିଁ।

ଫ୍ରାନ୍‌ସିସ୍କୋ ସରାବିୟା ନାମକ ଜଣେ ବିମାନ ଚାଳକ ୧୯୩୦ ମସିହାରେ ପ୍ରକାଶ କଲେ ଯେ, ମେକ୍‌ସିକୋର ଏହି ଅଞ୍ଚଳ ଉପରେ ତାଙ୍କ ବିମାନର ଯନ୍ତ୍ରପାତି ଠିକ୍ ଭାବେ କାମ କଲା ନାହିଁ ଏବଂ ରେଡିଓ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଗଲା। ୧୯୭୦ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ନିଉ ମେକ୍ସିକୋ ହ୍ୱାଇଟ୍ ସ୍ୟାଣ୍ଡସ୍ କ୍ଷେପଣାସ୍ତ୍ର ଘାଟିରୁ କ୍ଷେପଣାସ୍ତ୍ର ନିକ୍ଷେପ କରିବା ପରେ ଏହା ନିର୍ଦ୍ଧାରିତ ଗତିପଥରୁ ବିଚ୍ୟୁତ ହୋଇ ୬୪୪ କି.ମି. ଦକ୍ଷିଣରେ ମେକ୍ସିକୋର ନିସ୍ତବ୍ଧ ଅଞ୍ଚଳରେ ପଡ଼ିଥିଲା। ବିଶ୍ୱାସ କରାଗଲା ଯେ କୌଣସି ଅଜଣା ଚୁମ୍ବକୀୟ ବଳ ଦ୍ୱାରା କ୍ଷେପଣାସ୍ତ୍ର ଏହି ଅଞ୍ଚଳକୁ ଟାଣି ହୋଇ ଯାଇଥିଲା । ଏଠାରେ ଜିପିଏସ୍ ଏବଂ କମ୍ପାସ କାମ କରୁନାହିଁ।

୧୯୭୬ ମସିହାରେ ଏହି ଅଞ୍ଚଳ ଉପରେ ଗୋଟିଏ ବଡ଼ ବସ୍ତୁ ବୁଲୁଥିବାର ଦେଖାଯାଇଥିଲା ଏବଂ ଏହା ଚାରିପଟେ ଆଲୁଅ ଜଳୁଥିଲା ଓ ଏଥିରୁ ପ୍ରଚଣ୍ଡ ଧ୍ୱନି ଆସୁଥିଲା। ସେହି ବର୍ଷ ଜଣେ ବ୍ୟକ୍ତି ସେଠାରେ ଗୋଟିଏ ଅଜଣା ଉଡ଼ନ୍ତା ବସ୍ତୁ ବା ୟୁଏଫ୍‌ଓର ଚିତ୍ର ଉତ୍ତୋଳନ କରିଥିଲା।

ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି ଯେ, ସେଠାରେ ଗୋଟିଏ ଚୁମ୍ବକୀୟ ବଳ ଅଛି ଯାହା ରେଡିଓ ତରଙ୍ଗଠାରୁ ଅଧିକ ଶକ୍ତିଶାଳୀ ଏବଂ ଫଳରେ ରେଡିଓ ତରଙ୍ଗ ସେଠାକୁ ଯାଇପାରୁନାହିଁ। ଜଣାପଡ଼ିଛି ଯେ, ନିସ୍ତବ୍ଧ ଅଞ୍ଚଳ ଲକ୍ଷାଧିକ ବର୍ଷ ତଳେ ସମୁଦ୍ର ତଳେ ଥିଲା । ଏଠାରେ କେଉଁ କାରଣରୁ ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି ହୋଇଛି, ତାହା ଜଣାପଡୁନାହିଁ।

## ପିରାମିଡ୍

ପ୍ରାୟ ସମସ୍ତଙ୍କୁ ଜଣାଯେ ମିଶର ହେଉଛି ପିରାମିଡ଼ର ଦେଶ । ସେଠାରେ ଅନେକ ପ୍ରାଚୀନ ପିରାମିଡ଼ ଅଛି । ଏହା ଉପରେ ଅନେକ ଗବେଷଣା ହୋଇଥିଲେ ସୁଦ୍ଧା ଏହା କାହିଁକି ଓ କିପରି ନିର୍ମିତ ହୋଇଥିଲା, ତାହା ସ୍ପଷ୍ଟ ହୋଇନାହିଁ। ଅନେକ କ୍ଷେତ୍ରରେ ଏହା ହେଉଛି କେବଳ କବରସ୍ଥଳ । ରାଜା କିମ୍ବା ରାଜ ପରିବାରର ଲୋକମାନେ ମୃତ୍ୟୁବରଣ କରିବା ପରେ ସେମାନଙ୍କର ମୃତ ଶରୀରକୁ ଧନରତ୍ନ ସହ ପିରାମିଡ଼ ମଧ୍ୟରେ ରଖାଯାଇ ତାକୁ ବନ୍ଦ କରି ଦିଆଯାଉଥିଲା । କିନ୍ତୁ ପ୍ରମାଣ ମିଳିଛି ଯେ, ଏହାର ନିର୍ମାଣ ପଛରେ ଅନ୍ୟ ଉଦ୍ଦେଶ୍ୟ ମଧ୍ୟ ଅଛି । ଏହିଭଳି ଏକ ବିରାଟ କୀର୍ତ୍ତି ନିର୍ମାଣ କରିବା ପଛରେ ରାଜାଙ୍କର ବଳ ଓ ଶକ୍ତି ପ୍ରଦର୍ଶନ କରିବାର ଇଚ୍ଛା ଥିଲା । କେତେକ ଗବେଷକ କହିଥାଆନ୍ତି ଯେ, ଏଗୁଡ଼ିକ ଜ୍ୟୋତିର୍ବିଦୀୟ ପର୍ଯ୍ୟବେକ୍ଷଣ ପାଇଁ ନିର୍ମିତ ହୋଇଥିଲା ।

ମିଶରର ନୀଳ ନଦୀ କୂଳରେ ଗିଜାଠାରେ ମିଶରର ଫାରୋ ବଂଶ ଶାସନ (ଖ୍ରୀ.ପୂ ୨୫୭୫-ଖ୍ରୀ.ପୂ ୨୪୬୫) ସମୟରେ ନିର୍ମିତ ତିନୋଟି ପିରାମିଡ଼ ଅଛି । ଏମାନଙ୍କ ମଧ୍ୟରୁ ସବୁଠାରୁ ପୁରାତନ ଓ ବୃହତ୍ତମ ପିରାମିଡ଼ ହେଉଛି ଖୁଫୁ । ଏହାକୁ 'ଗ୍ରେଟ୍ ପିରାମିଡ଼' କୁହାଯାଏ । ମୂଳରେ ଏହାର ପ୍ରତ୍ୟେକ ପାର୍ଶ୍ୱର ଦୈର୍ଘ୍ୟ ହେଉଛି ୨୩୦ ମିଟର ଓ ଉଚ୍ଚତା ହେଉଛି ୧୪୭ ମିଟର । ଏହାର ଠିକ୍ ଶୀର୍ଷ ଦେଇ ଦ୍ରାଘିମା ଯାଉଛି, ଯାହା ପୃଥିବୀର ସମସ୍ତ ମହାଦେଶ ଓ ମହାସାଗରକୁ ଠିକ୍ ଦୁଇ ଭାଗରେ ବିଭକ୍ତ କରୁଛି । ଏହାର ଶୀର୍ଷେ ଦେଇ ଯଦି ଦୁଇଟି କର୍ଣ୍ଣକୁ ଉତ୍ତର ଦିଗକୁ ବଢ଼ାଇବା, ତାହାହେଲେ ଏହା ନୀଳ ନଦୀର ଉପତ୍ୟକାକୁ ଠିକ୍ ଦୁଇ ଭାଗରେ ବିଭକ୍ତ କରିବ । ଏହାର ମୂଳରୁ ଦୁଇଟି କର୍ଣ୍ଣ ଯେଉଁଠାରେ ମିଳିତ ହେଉଛି, ସେଠାରୁ ଉତ୍ତର ଦିଗକୁ ଗୋଟିଏ ସରଳରେଖା ଟାଣିଲେ ଏହା ଉତ୍ତର ମେରୁ ନିକଟରେ ପହଞ୍ଚିବ । ଏଥିରୁ ଜଣାପଡ଼େ ଯେ ଏହା ଜ୍ୟୋତିର୍ବିଦୀୟ ପର୍ଯ୍ୟବେକ୍ଷଣ ପାଇଁ ବ୍ୟବହୃତ ହେଉଥିଲା ।

ପିରାମିଡ଼ରେ ଅନେକ ଜ୍ଞାନ ସାଂକେତିକ ଭାବେ ରହିଛି । ମିଶରବାସୀମାନେ ଜାଣିଥିଲେ ଯେ ପୃଥିବୀରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ମହାପ୍ରଳୟ ହୋଇ ଜ୍ଞାନ ବିଜ୍ଞାନ ସହ ସଭ୍ୟତା ଲୋପ ପାଇଥାଏ । ଏଣୁ ପ୍ରଳୟରୁ ଜ୍ଞାନକୁ ରକ୍ଷା କରିବା ପାଇଁ ଏହି ଉପାୟସ୍ତ୍ରୋନେ ବାଛିଥିଲେ । ଅଧିକ ଗବେଷଣା କଲେ ପିରାମିଡ୍‌ରେ ଥିବା ଆହୁରି ଅନେକ ଜ୍ଞାନ ମିଳିପାରିବ ।

ପିରାମିଡ୍‌ର ବିରାଟ ଆକାର ଓ ନିର୍ମାଣ ଶୈଳୀକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଗ୍ରେଟ୍ ପିରାମିଡ୍‌ରେ ୭ ମିଟର ଲମ୍ବ ଓ ୫.୫ ମିଟର ଓସାରର ୨୩ ଲକ୍ଷ ପଥର ବ୍ୟବହୃତ ହୋଇଥିଲା ଯାହାର ଗୋଟିଏ ଗୋଟିଏ ପଥରର ଓଜନ ଅଢ଼େଇ ଟନ୍ ଭିତରେ ଥିଲା । ଆଶ୍ଚର୍ଯ୍ୟର କଥା ଯେ ପିରାମିଡ୍ ନିକଟରେ ଏସବୁ ପଥର ନାହିଁ । ଏଣୁ ଏତେ ବଡ଼ ବଡ଼ ପଥରକୁ କିପରି ଦୂର ଜାଗାରୁ ଏଠାକୁ ଅଣାଗଲା ଏବଂ ପୁଣି ଏତେ ଉଚ୍ଚକୁ ଉଠାଯାଇପାରିଲା, ତାହା ଆଶ୍ଚର୍ଯ୍ୟ ଲାଗୁଛି । ଆଜକୁ ୪୫୦୦ ବର୍ଷରୁ ଅଧିକ ସମୟ ହେଲା ଖରା, ବର୍ଷାରେ ରହି ମଧ୍ୟ ଏହା ଅକ୍ଷତ ରହିପାରିଛି । ସ୍ଥାନୀୟ କିମ୍ବଦନ୍ତୀ କହେ ଯେ, ଏହାକୁ ପୃଥିବୀ ବାହାରର ଜୀବମାନେ ଆସି ନିର୍ମାଣ କରିଛନ୍ତି । ଅନେକ ରହସ୍ୟକୁ ନେଇ ପିରାମିଡ଼ ଅଛି ।

## କୋଷ୍ଟାରିକାର ପଥର ଗୋଲକ

କୋଷ୍ଟାରିକାରେ ଅନେକ ପଥର ଗୋଲକ ଅଛି । ଏଗୁଡ଼ିକ କେବେ, କାହିଁକି ଓ କାହାଦ୍ୱାରା ନିର୍ମିତ ହୋଇଥିଲା, ତାହା ରହସ୍ୟାବୃତ୍ତ ହୋଇ ରହିଛି । ଏଗୁଡ଼ିକ ଆକାର ଓ ଓଜନରେ ଅଲଗା ହୋଇଥିଲେ ସୁଦ୍ଧା ଚତୁଃପାର୍ଶ୍ୱଗୁଡ଼ିକ ହେଉଛି ପରିପୂର୍ଣ୍ଣ ଗୋଲକ ଓ ଅତି ମସୃଣ । ଯେ କୌଣସି ବିନ୍ଦୁରୁ ଏହାର ବ୍ୟାସକୁ ମାପିଲେ ସମାନ ହୋଇଥାଏ । ଅନେକ ଗୋଲକ ଖଣ୍ଡିଆ ଖାବରା ହୋଇଯାଇଥିବାବେଳେ କେତେକ ସମ୍ପୂର୍ଣ୍ଣ ରୂପେ ଲୋପ ପାଇଛି । ତଥାପି ଅନେକ ଗୋଲକ ସାନ୍‌ଜୋସ୍‌ର ଜାତୀୟ ସଂଗ୍ରହାଳୟରେ ଓ କେତେକ ବ୍ୟକ୍ତିଙ୍କର ଉଦ୍ୟାନରେ ସଂରକ୍ଷିତ ଅଛି । କେତେକ ଗୋଲକ ମଧ୍ୟ ନଦୀ ପଠା କିମ୍ବା ଜଙ୍ଗଲରେ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଭାବରେ ପୋତି ହୋଇଅଛି ।


ବର୍ତ୍ତମାନ ସୁଦ୍ଧା ଆବିଷ୍କୃତ ସବୁଠାରୁ ଓଜନିଆ ଗୋଲକର ଓଜନ ହେଉଛି ୧୬ ଟନ୍ । ଏଗୁଡ଼ିକୁ ବାଲି ଓ ପାଣିର ମିଶ୍ରଣ ଦ୍ୱାରା ପାଲିସ୍ କରାଯାଇ ମସୃଣ କରାଯାଇଥିବା ଅନୁମାନ କରାଯାଉଛି । ଏତେ ଓଜନର ଗୋଲକ ଏତେ ପରିପୂର୍ଣ୍ଣ କିପରି ହୋଇଲା ତାହା ଆଶ୍ଚର୍ଯ୍ୟ ଲାଗେ । ଜ୍ୟାମିତିକ ଜ୍ଞାନ ବ୍ୟତୀତ ଏହାର ନିର୍ମାଣ ପାଇଁ ବ୍ୟବହାର କରାଯାଇଥିବା କାରିଗରୀ ବିଦ୍ୟା ମଧ୍ୟ ଅତି ଉଚ୍ଚକୋଟୀର । ଯାନ୍ତ୍ରିକ ଉପାୟ ବିନା ଏପରି ଗୋଲକ ବିକାଶ କରିବା ଅସମ୍ଭବ ଜଣାପଡ଼େ । ପୁନଶ୍ଚ ଯେଉଁ ଗ୍ରାନାଇଟ୍ ପଥରରୁ ଏଗୁଡ଼ିକ ନିର୍ମିତ ହୋଇଛି, ତାହା ଗୋଲକ ମିଳିଥିଲା ସ୍ଥାନରେ ନାହିଁ । ସେଠାରୁ ପ୍ରାୟ ୫୦ କିମି ଦୂରରେ ପଥର ଖଣି ଅଛି । ସବୁଠାରୁ ରହସ୍ୟମୟ ହେଉଛି ଯେ, ଏତେ କଷ୍ଟ ସ୍ୱୀକାର କରି ଏତେ ବଡ଼ ବଡ଼ ପଥର ଗୋଲକ ନିର୍ମାଣ କରିବାର ଉଦ୍ଦେଶ୍ୟ କ'ଣ?

ଯେଉଁ ଅଞ୍ଚଳରେ ଗୋଲକଗୁଡ଼ିକ ଆବିଷ୍କୃତ ହୋଇଛି, ସେଠାରେ ଅନେକ ସ୍ଥାନୀୟ ଆଦିମ ଅଧିବାସୀ ବାସ କରନ୍ତି । କିନ୍ତୁ ସେମାନଙ୍କର କୌଣସି କିମ୍ବଦନ୍ତୀ ବା ଲୋକକଥାରେ ଗୋଲକ ସୃଷ୍ଟି ବିଷୟ ନାହିଁ । ସେମାନଙ୍କର ପୂର୍ବପୁରୁଷ ଏହାକୁ ନିର୍ମାଣ କରିଥିବାର କୌଣସି ଆଦିବାସୀ ଜାତି ଦାବି କରନ୍ତି ନାହିଁ କିମ୍ବା ରହସ୍ୟ ଉନ୍ମୋଚନ କରିବା ପାଇଁ ଅନ୍ୟ କୌଣସି ତଥ୍ୟ ଦେଇ ନଥାଆନ୍ତି । କିନ୍ତୁ ଏହା ନିଶ୍ଚିତ ଯେ, ଏହା ଆଦିବାସୀମାନଙ୍କ ପାଇଁ ବିଶେଷ ମହତ୍ତ୍ୱ ରଖିଥାଏ, କାରଣ ସେମାନଙ୍କର କବର ସ୍ଥାନରେ ଛୋଟ ଛୋଟ ଗୋଲକ ରଖାଯାଇଥାଏ ।



## ପିରି ରେଇସ୍ ମାନଚିତ୍ର


ଅତି ପ୍ରାଚୀନ ଉନ୍ନତ ସଭ୍ୟତା ସମ୍ବନ୍ଧରେ ଏବେ ଆବିଷ୍କୃତ କେତେକ ମାନଚିତ୍ରରେ ଜଣାପଡ଼େ । ଏହି ମାନଚିତ୍ରଗୁଡ଼ିକ ହେଉଛି ମୂଳ ମାନଚିତ୍ରର ନକଲ । ମୂଳ ମାନଚିତ୍ର ମିଶରର ଆଲେକଜାଣ୍ଡ୍ରିଆ ପାଠାଗାରରେ ଥିଲା । ପାଠାଗାରର ଧ୍ୱଂସ ସହ ଏହା ମଧ୍ୟ ଲୁପ୍ତ ହୋଇଗଲା । ମାତ୍ର ନକଲ କରାଯାଇଥିବା ମାନଚିତ୍ରରେ ପୃଥିବୀର ଯେଉଁ ସ୍ଥାନ ସବୁ ଦର୍ଶାଯାଇଛି, ସେସବୁର ସ୍ଥିତି ଆଧୁନିକ ସଭ୍ୟତାକୁ ଜଣା ନଥିଲା । ଉଦାହରଣ ସ୍ୱରୂପ, ଏଥିରେ ଉତ୍ତର ଓ ଦକ୍ଷିଣ ଆମେରିକା ଏବଂ ଆଣ୍ଟାର୍କଟିକାର ଅବସ୍ଥିତିକୁ ଠିକ୍ ଭାବରେ ଦର୍ଶାଯାଇଛି । ଏହା କଲମ୍ବସଙ୍କ ଆମେରିକା ଆବିଷ୍କାରର ବହୁ ପୂର୍ବର ମାନଚିତ୍ର । ଏଥିରୁ ଜଣାପଡ଼େ ଯେ ପ୍ରାଚୀନ ସଭ୍ୟତାର ଲୋକମାନେ ଆମଠାରୁ ଯଥେଷ୍ଟ ଉନ୍ନତ ଥିଲେ । ଆବିଷ୍କୃତ ମାନଚିତ୍ର ମଧ୍ୟରେ ପିରିରେଇସ୍ ମାନଚିତ୍ର ହେଉଛି ଅନ୍ୟତମ ।



ପିରି ରେଇସ୍ ମାନଚିତ୍ର ତୁର୍କୀ ରାଜଧାନୀ ଇସ୍ତାନବୁଲରୁ ସୁଲତାନଙ୍କ ପୁରାତନ ଟୋପକାପି ରାଜପ୍ରାସାଦରୁ ୧୯୨୯ ମସିହାରେ ମିଳିଥିଲା । ଏହି ରାଜପ୍ରାସାଦକୁ ଏକ ସଂଗ୍ରହାଳୟରେ ପରିଣତ କରାଯାଇ ମାନଚିତ୍ରକୁ ସେଠାରେ ରଖାଯାଇଛି । ମାନଚିତ୍ରଟି ୧୫୧୩ ମସିହାରେ ତୁର୍କୀ ନୌବାହିନୀର ସେନାପତି ପିରି ରେଇସ୍‌ଙ୍କ ପାଇଁ ପ୍ରସ୍ତୁତ କରାଯାଇଥିଲା । ଜର୍ମାନୀର ରାଜଧାନୀ ବର୍ଲିନର ସଂଗ୍ରହାଳୟରେ ଏହିଭଳି ଦୁଇଟି ମାନଚିତ୍ର ରଖାଯାଇଛି । ଏହି ଦୁଇଟି ମଧ୍ୟ ପିରି ରେଇସ୍‌ଙ୍କଠାରୁ ଆସିଥିବାର ଅନୁମାନ କରାଯାଉଛି । ଏଗୁଡ଼ିକ ପୁରାତନ ଗ୍ରୀକ୍ ମାନଚିତ୍ରରୁ ନକଲ କରାଯାଇଥିବା ଅନୁମାନ । ଆମେରିକାର ମାନଚିତ୍ର ବିଶେଷଜ୍ଞ ଆର୍ଲିଙ୍ଗଟନ୍ ମାଲେରି ଏବଂ ୱାଲ୍ଟରସ୍ ଏହାକୁ ପରୀକ୍ଷା କରି ଆଶ୍ଚର୍ଯ୍ୟଜନକ ଭାବେ ଆବିଷ୍କାର କଲେ ଯେ ମାନଚିତ୍ରଟି ହେଉଛି ପୂରାପୂରି ନିର୍ଭୁଲ ।

ମାନଚିତ୍ରରେ ଭୂମଧ୍ୟ ସାଗର, ମୃତ ସାଗର ସହିତ ଉତ୍ତର ଓ ଦକ୍ଷିଣ ଆମେରିକାର ଉପକୂଳ ଏବଂ ଆଣ୍ଟାର୍କଟିକାର ପ୍ରାକୃତିକ ଗଠନ ପରିଷ୍କାର ଭାବରେ ଦର୍ଶାଯାଇଛି । ଯଦି ଆଣ୍ଟାର୍କଟିକାରୁ ସମସ୍ତ ବରଫକୁ ବାହାର କରି ଦିଆଯାଏ, ଏହା ଯେପରି ଦେଖାଦେବ, ମାନଚିତ୍ରରେ ସେହି ଚିତ୍ର ଅଛି । ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ଯେ, ୧୮୨୦ ମସିହାରେ ଆଣ୍ଟାର୍କଟିକା ଆବିଷ୍କୃତ ହୋଇଛି ଏବଂ ମାନଚିତ୍ରରେ ଦର୍ଶାଯାଇଥିବା ପର୍ବତମାଳାର ଅବସ୍ଥିତି ୧୯୫୨ ମସିହା ସୁଦ୍ଧା ଆବିଷ୍କୃତ ହୋଇ ନଥିଲା । କାରଣ ଏହା ୧୦୦ ଫୁଟ ବରଫ ତଳେ ଅଛି ଏବଂ ପ୍ରତିଧ୍ୱନି ଯନ୍ତ୍ର ସାହାଯ୍ୟରେ ବର୍ତ୍ତମାନର ମାନଚିତ୍ର ତିଆରି ହୋଇଛି । ଆଣ୍ଟାର୍କଟିକା ବରଫକୁ ପରୀକ୍ଷା କରି ଜଣାଯାଉଛି ଯେ, ଏଠାରେ ଅତି କମ୍‌ରେ ୬୦୦୦ବର୍ଷ ହେଲା ବରଫ ଆଚ୍ଛାଦିତ ହୋଇ ରହିଛି । ଏହାର ଅର୍ଥ ହେଉଛି ମୂଳ ମାନଚିତ୍ରଟି ସେହି ସମୟରେ ତିଆରି ହୋଇଛି ଯାହାର କୌଣସି ଲିଖିତ ଇତିହାସ ନାହିଁ । ଏହି ସମୟକୁ ବର୍ତ୍ତମାନ ଆଟଲାଣ୍ଟିସ୍‌ର ଉନ୍ନତ ସଭ୍ୟତା କୁହାଯାଉଛି ।

ମିଶର ରାଜଧାନୀ କାଇରୋ ଉପରେ ଯଦି ଗୋଟିଏ ମହକାଶଯାନ ଆଜି ଫଟୋ ଉତ୍ତୋଳନ କରେ, ତାହା ଯେପରି ଦେଖାଯିବ, ଏହି ମାନଚିତ୍ରର ଚିତ୍ରଗୁଡିକ ସେହିଭଳି ଦେଖାଯାଉଛି । ତେବେ ପ୍ରଶ୍ନ ହେଉଛି, ଅନୁନ୍ନତ ପୂର୍ବପୁରୁଷମାନେ ସେହିପରି ମାନଚିତ୍ର ତିଆରି କରି ପାରିବେ କି? କିନ୍ତୁ ନିଃସନ୍ଦେହରେ କୁହାଯାଇପାରେ ଯେ, ମାନଚିତ୍ରଟି ଅତ୍ୟାଧୁନିକ ଉପାୟରେ ଆକାଶମାର୍ଗରୁ ସର୍ବେକ୍ଷଣ କରାଯାଇ ତିଆରି କରାଯାଇଛି । ତାହାହେଲେ କ'ଣ ସେମାନଙ୍କ ପାଖରେ ଉଡ଼ାଜାହଜ ଓ କ୍ୟାମେରା ଥିଲା କି? ଏହାର ଉତ୍ତର ଆମ ପାଖରେ ନାହିଁ ।



# ଅଚିହ୍ନା ଉଡ଼ନ୍ତା ବସ୍ତୁ

ଆକାଶରେ ବେଳେ ବେଳେ ଏପରି କେତେକ ବସ୍ତୁ ଦେଖାଯାଏ, ଯାହାକୁ ଜାଣି ହୁଏନାହିଁ। ଏହା କେଉଁଠାରୁ ଆସିଛି ଏବଂ କିଏ ଓ କ'ଣ ପାଇଁ ପଠାଇଛି, ତାହା ଅଜ୍ଞାତ ରହୁଥିବାରୁ ଏହି ବସ୍ତୁଗୁଡ଼ିକୁ 'ଅଚିହ୍ନା ଉଡ଼ନ୍ତା ବସ୍ତୁ' (Unidentified Flying Object ବା ସଂକ୍ଷେପରେ U.F.O କୁହାଯାଏ। ଅଧିକାଂଶ 'ୟୁଏଫ୍‌ଓ'ର ଆକୃତି ଥାଳିଆ ଭଳି ହୋଇଥିବାରୁ ଏହାକୁ 'ଉଡ଼ନ୍ତା ଥାଳିଆ' ମଧ୍ୟ କୁହାଯାଏ।

ଯୁକ୍ତରାଷ୍ଟ୍ର ଆମେରିକାର ବିମାନ ଚାଳକ କେନେଥ୍ ଆର୍ନୋଲ୍ଡ ୧୯୪୭ ମସିହା ଜୁନ୍ ୨୪ ତାରିଖରେ ୱାଶିଙ୍ଗଟନ୍ ନିକଟରେ ବିମାନ ଉଡ଼ାଉଥିବା ବେଳେ ଗୋଟିଏ ଧାଡ଼ିରେ ନଅଟି ଅଚିହ୍ନା ବସ୍ତୁ ଆକାଶରେ ଉଡୁଥିବାର ଦେଖିଲେ। ଏଗୁଡିକ ଥାଳିଆ ଆକାରର ଥିଲା। ଏହାକୁ ଅନ୍ୟ କେତେକ ବ୍ୟକ୍ତି ଦେଖିଥିବାର ପରେ ପ୍ରକାଶ ପାଇଲା। ସେହି ବର୍ଷ ଜୁଲାଇ ୨ ତାରିଖରେ ଆମେରିକାର ନିଉ ମେକସିକୋ ସହରରେ ଗୋଟିଏ ଅଜଣା ବିମାନର ଦୁର୍ଘଟଣା ହେଲା। ଲୋକମାନେ ଏହାକୁ ଉଡ଼ନ୍ତା ଥାଳିଆ କହୁଥିବା ବେଳେ ଆମେରିକା ବିମାନ ବାହିନୀ ଏହାକୁ ପାଣିପାଗ ବେଲୁନ କହିଲା। କେତେକ ବ୍ୟକ୍ତି ଏହା ଉପରେ ବିଶଦ ଅଧ୍ୟୟନ କରି ପ୍ରକାଶ କଲେ ଯେ ବିମାନ ବାହିନୀ ପ୍ରକୃତ ତଥ୍ୟକୁ ଲୁଚାଉଛି। ସାଧାରଣତଃ ୟୁଏଫ୍‌ଓଗୁଡିକୁ ଅନ୍ୟଗ୍ରହରୁ ଆସିଥିବା ଜୀବର ଯାନ ଭାବେ ବିଶ୍ୱାସ କରାଯାଏ। କେତେକ କ୍ଷେତ୍ରରେ ପାଣିପାଗ ବେଲୁନ୍‌କୁ ଲୋକମାନେ ଭୁଲ୍ ବୁଝିଥାଆନ୍ତି। ଆଉ କେତେକ କ୍ଷେତ୍ରରେ ବାୟୁମଣ୍ଡଳୀୟ ଘଟଣା ଭାବେ ଏହା ଜଣାପଡ଼ିଛି। ଅନ୍ୟଗ୍ରହର ଜୀବ ପୃଥିବୀକୁ ଏଥିରେ ଆସି ଆକ୍ରମଣ କରିବାର ଭୟ ମଧ୍ୟ ପ୍ରକାଶ ପାଇଲା। ଏଣୁ ଯୁକ୍ତରାଷ୍ଟ୍ର ଆମେରିକା ସରକାର ୧୯୫୨ ମସିହା ଓ ୧୯୬୬ ମସିହାରେ ବୈଜ୍ଞାନିକମାନଙ୍କୁ ନେଇ ଏହାର ଅନୁସନ୍ଧାନ କରିବା ପାଇଁ କମିଟି ଗଠନ କରିଥିଲେ। ରିପୋର୍ଟରେ ଏହା ସହିତ ବାହ୍ୟଗ୍ରହ ଜୀବର କୌଣସି ପ୍ରମାଣ ନଥିବାର ପ୍ରକାଶ ପାଇଲା। ମାତ୍ର ସରକାର ରିପୋର୍ଟର କିଛି ଅଂଶ ପ୍ରକାଶ ନ କରିବାରୁ ଏହା ସନ୍ଦେହ ଘେରକୁ ଆସିଲା।


ଯୁକ୍ତରାଷ୍ଟ୍ର ଆମେରିକାର ଗୁଇନ୍ଦା ବିଭାଗ ୨୦୦୪ ମସିହାରୁ ୨୦୨୧ ମସିହା ମଧ୍ୟରେ ଦେଖା ଦେଇଥିବା ୧୪୪ଟି ୟୁଏଫ୍‌ଓ ଉପରେ ଅଧ୍ୟୟନ କରି ରିପୋର୍ଟ ପ୍ରକାଶ କଲା ଯେ ବାହାର ଗ୍ରହ ସହିତ ଏହାର ସମ୍ବନ୍ଧ ନାହିଁ। କେତେକ ୟୁଏଫ୍‌ଓ ପ୍ରାକୃତିକ କିମ୍ବା ମନୁଷ୍ୟକୃତ (ବେଲୁନ୍, ଡ୍ରୋନ୍) ବସ୍ତୁ ଭାବେ ବୁଝା ଯାଇପାରେ ବୋଲି ରିପୋର୍ଟରେ ଦର୍ଶାଯାଇଥିଲେ ସୁଦ୍ଧା ଅନେକ ୟୁଏଫ୍‌ଓକୁ ଏହି ରିପୋର୍ଟ ବୁଝାଇ ପାରିନାହିଁ ଏବଂ ଏଥିପାଇଁ ଅଧିକ ଅଧ୍ୟୟନ ଓ ଗବେଷଣା ସହ ଉନ୍ନତ ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ରହୁଛି ବୋଲି ମତ ଦେଇଛି।

୨୦୨୩ ମସିହା ଫେବ୍ରୁଆରୀ ମାସରେ ଯୁକ୍ତରାଷ୍ଟ୍ର ଆମେରିକା ଓ କାନାଡ଼ା ଉପରେ ଚାରିଟି ୟୁଏଫ୍‌ଓ ଦେଖାଯିବା ପରେ ଆମେରିକାର ସେନାବାହିନୀ କ୍ଷେପଣାସ୍ତ୍ର ନିକ୍ଷେପ କରି ଏଗୁଡ଼ିକୁ ତଳକୁ ଖସାଇ ଦେଲା। ସେଥିମଧ୍ୟରୁ ଗୋଟିଏ ଚାଇନାର ଗୁପ୍ତଚର ବେଲୁନ୍ ଜଣାପଡ଼ିଥିବା ବେଳେ ଅନ୍ୟ ତିନୋଟିର ଉତ୍ସ ଜଣାପଡ଼ିନାହିଁ। କେତେକ ବ୍ୟକ୍ତି ଗଣମାଧ୍ୟମରେ କହିଛନ୍ତି ଯେ ଏହା ଅନ୍ୟଗ୍ରହରୁ ଆସି ଥାଇପାରେ। ଆମେରିକା ବାୟୁସେନା ପକ୍ଷରୁ ଯେଉଁ କିଞ୍ଚିତ୍ ତଥ୍ୟ ପ୍ରକାଶ କରାଯାଇଛି, ସେଥିରୁ ଜଣାପଡୁଛି ଯେ ଏହା ପଙ୍ଖା ବା ଜେଟ୍ ଥିବା ବିମାନ ନୁହେଁ, ଯେଉଁଥିପାଇଁ ସେଗୁଡିକର ଉଡ଼ିବାର କ୍ଷମତା ହୁଏତ ଆମମାନଙ୍କର ବିଜ୍ଞାନକୁ ଅଜଣା ଅଛି।

## ବାଗଦାଦ ବ୍ୟାଟେରି



ଜର୍ମାନୀର ପ୍ରତ୍ନତତ୍ତ୍ୱବିଦ୍ ଉଇଲହେମ୍ କୋନିଗ୍ ୧୯୩୭ ମସିହାରେ ଇରାକରେ ବାଗଦାଦ ନିକଟରେ ଦୁଇ ହଜାର ବର୍ଷର ପୁରୁଣା ଏକ ସହରର ପ୍ରତ୍ନତାତ୍ତ୍ୱିକ ଖନନ କରି ମାଟିତଳୁ କେତେଗୁଡ଼ିଏ ପାତ୍ର ବା ଜାର୍ ପାଇଲେ। ପାତ୍ର ଭିତରେ ସିଲିଣ୍ଡର, ପିତ୍ତ, ଲୁହାଦଣ୍ଡ ଓ ଲୁହାଠିପି ଅଛି। ଏହାର ଉପରିଭାଗ ହେଉଛି ଗୋଟିଏ ଛୋଟ ମାଠିଆ ଆକୃତିର ହାଣ୍ଡି। ଏହାର ଉଚ୍ଚତା ହେଉଛି ୧୫ ସେମି। କୋନିଗ୍ ଏହାକୁ ଅଧ୍ୟୟନ କରି ପ୍ରକାଶ କଲେ ଯେ, ପ୍ରାଚୀନ କାଳରେ ବିଦ୍ୟୁତ୍ ବ୍ୟବହୃତ ହେଉଥିଲା। ଅନ୍ୟ ପକ୍ଷରେ ଏହା ହେଉଛି ଆଧୁନିକ ଯୁଗର ଶୁଷ୍କ ବ୍ୟାଟେରି। କିଛି ବର୍ଷ ପରେ ଏହି ପାତ୍ର ଭଳି ଅନ୍ୟ ଏକ ପାତ୍ର ନିର୍ମାଣ କରି ପରୀକ୍ଷା କରାଗଲା। ଏଥିରେ କପର ସଲ୍‌ଫେଟ ବିଦ୍ୟୁତ ବିଶ୍ଳେଷ୍ୟ ଦେବା ପରେ ଏହା କାମ କଲା ଏବଂ ଏଥିରୁ ୧.୫ରୁ ୨.୦ ଭୋଲ୍ଟ ବିଦ୍ୟୁତ୍ ମିଳିଲା। ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ଏହା ସତ୍ୟ। ଏହା ଏବେ ବାଗଦାଦ ସଂଗ୍ରହାଳୟରେ ସୁରକ୍ଷିତ ଅଛି। ବାଗଦାଦଠାରେ ଏହାର ସନ୍ଧାନ ମିଳିଥିବାରୁ ଏହାକୁ 'ବାଗ୍‌ଦାଦ୍ ବ୍ୟାଟେରି' ନାମରେ ନାମିତ କରାଯାଇଛି। ପାର୍ଥିଆନ୍ ଶାସନ କାଳ (ଖ୍ରୀପୂ-୨୫୦ରୁ ଖ୍ରୀଷ୍ଟାବ୍ଦ ୨୨୪)ରେ ଏଭଳି ବ୍ୟାଟେରି ପ୍ରଚଳିତ ଥିବାର ଜଣାପଡ଼େ। ଗବେଷଣା କରି ଏଥିରୁ କିପରି ବିଦ୍ୟୁତ୍ ଉତ୍ପାଦିତ ହେଉଥିଲା, ତାହା କୋନିଗ୍ ଦର୍ଶାଇଛନ୍ତି।



ବାଗଦାଦ ବ୍ୟାଟେରି ଆବିଷ୍କାରର ପୂର୍ବରୁ ଅନ୍ୟ ଏକ ଆବିଷ୍କାରକୁ ବୁଝିବାରେ ଅସୁବିଧା ହେଉଥିଲା। ତାହା ଥିଲା କେତୋଟି ନାରୀ ମୂର୍ତ୍ତି। ଏହି ମୂର୍ତ୍ତିଗୁଡ଼ିକ ଉପରେ ଅତି ପତଳାସ୍ତରର ସୁନା ଆବରଣ ଦିଆଯାଇଥିଲା। ଚିନ୍ତା କରାଯାଉଥିଲା ଯେ ମୂର୍ତ୍ତି ଉପରେ ସୁନାକୁ ପିଟି ପିଟି କିମ୍ବା ଏହା ଉପରେ ସୁନାକୁ ତରଳା ଯାଇ ଏହି ସୁନାଚ୍ଛାଦିତ ମୂର୍ତ୍ତିଗୁଡ଼ିକୁ ନିର୍ମାଣ କରାଯାଇଥିଲା। କିନ୍ତୁ ଏହି ମୂର୍ତ୍ତିଗୁଡ଼ିକରେ କୌଣସି ପ୍ରକାର ପିଟା ଚିହ୍ନ ମିଳିନଥିଲା। ଏଣୁ ମନେ କରାଗଲା ଯେ ଯଦି ଖ୍ରୀପୂ ୨୨୫ ଓ ଖ୍ରୀଷ୍ଟାବ୍ଦ ୨୨୫ ମଧ୍ୟରେ ବିଦ୍ୟୁତ୍ ରାସାୟନିକ ପଦ୍ଧତି ବ୍ୟବହାର କରି ଗାଲଭାନିକରଣ ପ୍ରଯୁକ୍ତିବିଦ୍ୟା ଜଣାଥିଲା, ତାହା ହେଲେ ପ୍ରଶ୍ନର ଉତ୍ତର ମିଳିଯିବ।

ବାଗ୍‌ଦାଦ ବ୍ୟାଟେରି ଆବିଷ୍କୃତ ହେବା ପରେ ଜର୍ମାନୀର ଗବେଷକ ଆର୍ନେ ଏଗେବ୍ରେଖ୍‌ଟ ପରୀକ୍ଷା କରି ପ୍ରମାଣ କଲେ ଯେ, ସୁନା ଓ ଅନ୍ୟାନ୍ୟ ଧାତୁ ତରଳାଇବା ପାଇଁ ସେହି ସମୟରେ ଏହି ବ୍ୟାଟେରିରୁ ବିଦ୍ୟୁତ୍ ଉତ୍ପାଦନ କରାଯାଉଥିଲା। ଏହାଦ୍ୱାରା ବିଦ୍ୟୁତ୍ ପ୍ରଲେପ କରାଯାଉଥିବାର ପ୍ରମାଣ ମଧ୍ୟ ମିଳିଛି।

ଆଧୁନିକ ବ୍ୟାଟେରିକୁ ଇଟାଲିର ବୈଜ୍ଞାନିକ ଆଲେସାଣ୍ଡ୍ରୋ ଭୋଲ୍‌ଟା ୧୮୦୦ ମସିହାରେ ଉଦ୍ଭାବନ କରିଥିଲେ। ଏଣୁ ଏହାର ପ୍ରାୟ ଦୁଇ ହଜାର ବର୍ଷ ପୂର୍ବରୁ ବାଗଦାଦ ବ୍ୟାଟେରି କେତେ ଦୂର କାର୍ଯ୍ୟ କରୁଥିଲା, ତାହା ରହସ୍ୟମୟ ହୋଇଛି। ଯଦି ଏହା କାମ କରୁଥିଲା, ତାହାହେଲେ ଏଥିରୁ ବ୍ୟବହାରଯୋଗ୍ୟ ବିଦ୍ୟୁତ ପରିମାଣ ଉତ୍ପାଦିତ ହେଉଥିଲା ନା ନାହିଁ ତାହା ମଧ୍ୟ ସନ୍ଦେହଜନକ। ସୂଚନାଯୋଗ୍ୟ ଯେ, ଭାରତର ଅଗସ୍ତ୍ୟ ମୁନି ତାଙ୍କ ରଚିତ ଅଗସ୍ତ୍ୟ ସଂହିତା (ଖ୍ରୀ.ପୂ. ୪୦୦୦) ପୁସ୍ତକରେ ବିଦ୍ୟୁତ୍ ବ୍ୟାଟେରି ଓ ବିଦ୍ୟୁତ୍ ପ୍ରଲେପ ସମ୍ବନ୍ଧରେ ଲେଖିଛନ୍ତି।

ପୃଥିବୀରେ ଏହିପରି ଅନେକ ରହସ୍ୟମୟ ବସ୍ତୁ, ସ୍ଥାନ ଓ ଜୀବ ଅଛି ଯାହାକୁ ବିଜ୍ଞାନ ବୁଝାଇବାରେ ସମର୍ଥ ହୋଇନାହିଁ। ସ୍ୱାଭାବିକ ଭାବେ ବିଜ୍ଞାନ ଯେଉଁଠି ବୁଝାଇପାରିବ ନାହିଁ, ସେଠାରେ ଅନ୍ଧବିଶ୍ୱାସ, କଳ୍ପନା, ଭୟ ଆଦି ପ୍ରବେଶ କରିବ। ■

ସମ୍ପାଦକ, ସାଇନ୍‌ସ ହୋରିଜନ,
୭୦, ଲକ୍ଷ୍ମୀବିହାର ଫେଜ୍-୧
ଭୁବନେଶ୍ୱର-୭୫୧୦୧୮,
ଫୋନ୍- ୯୪୩୮ ୬୯୩୭୨୪

# ଅଦ୍ଭୁତ ଦୁର୍ଗ

ଭାରତରେ ଅନେକ ପ୍ରାଚୀନ ଓ ଐତିହାସିକ ଦୁର୍ଗ ରହିଛି । ତେଣୁ ଭାରତକୁ ଦୁର୍ଗ ଏବଂ ସ୍ମାରକୀ ଦେଶ ଭାବେ ଗଣନା କରାଯାଏ । ଏଠାରେ  କେତେକ ପ୍ରାଚୀନ ଦୁର୍ଗକୁ ନେଇ ରହିଛି ଗାଥା ଓ କିମ୍ବଦନ୍ତୀ । ଯାହାକୁ ରାଜାମାନେ ନିଜର ସୁରକ୍ଷା, ସୈନ୍ୟ ତଥା ଜରୁରିକାଳୀନ ସ୍ଥିତିରେ ରହିବା ପାଇଁ ନିର୍ମାଣ କରିଥିଲେ । ସେଥିମଧ୍ୟରୁ କିଛି ଦୁର୍ଗ ରହିଛି, ଯାହା ନିଆରା ବାସ୍ତୁକଳା, କାରୁକାର୍ଯ୍ୟ ତଥା ରହସ୍ୟମୟ କାହାଣୀ ପାଇଁ ଜଣାଯାଏ । ତେବେ ଭାରତରେ ଥିବା ସେହିଭଳି କେତେକ ଭବ୍ୟ, ବିଳାସମୟ ରହସ୍ୟମୟ ଦୁର୍ଗକୁ ନେଇ ଏହି ଉପସ୍ଥାପନା ।



## ବିପଜ୍ଜନକ ଦୁର୍ଗ : ସୂର୍ଯ୍ୟାସ୍ତ ପରେ ନିଷେଧ

ଭାରତରେ ଅନେକ ଦୁର୍ଗ ରହିଛି । ସେଥିମଧ୍ୟରୁ କିଛି ସୁନ୍ଦର ହୋଇଥିବାବେଳେ, କିଛି ଖୁବ୍ ଭୟଙ୍କର ହୋଇଥାଏ । ସେମିତି ଏକ ଦୁର୍ଗ ମହାରାଷ୍ଟ୍ରର କଳାବନ୍ତିନ୍ ଦୁର୍ଗ । ଏହା ଭାରତର ବିପଦପୂର୍ଣ୍ଣ ଦୁର୍ଗ ମଧ୍ୟରେ ଅନ୍ୟତମ । ସେହିପରି ଏହାକୁ ପ୍ରବାଳଗଡ଼ ଦୁର୍ଗ ତଥା କଳାବନ୍ତିନ୍ ନାମରେ ଜଣାଯାଏ । ୨୩୦୦ ଫୁଟ୍ ଉଚ୍ଚ ପାହାଡ଼ରେ ନିର୍ମିତ ଏହି ଦୁର୍ଗକୁ ଖୁବ୍ କମ୍ ଲୋକ ଯିବା ଆସିବା କରିଥାନ୍ତି । ଏଥିସହ ସୂର୍ଯ୍ୟାସ୍ତ ହେବା ପୂର୍ବରୁ ହିଁ ଚାଲିଯାଆନ୍ତି । ଉଚ୍ଚରେ ଥିବା ହେତୁ ଏଠାରେ ଲୋକମାନେ ଅଧିକ ସମୟ ରହିପାରନ୍ତିନି । ସେହିପରି ଏଠାରେ ବିଦ୍ୟୁତ୍ କି ପାଣିର ବ୍ୟବସ୍ଥା ନାହିଁ । ସନ୍ଧ୍ୟା ହେବା ମାତ୍ରେ ଏଠାରେ ଶୂନ୍‌ଶାନ୍ ହେଇଯାଏ । ଏଠାକୁ ଯିବା ପାଇଁ ପାହାଡ଼ କାଟି ଶିଡ଼ି ପ୍ରସ୍ତୁତ କରାଯାଇଛି । କିନ୍ତୁ ଏହି ଶିଡ଼ିରେ କୌଣସି ରେଲିଂ କିମ୍ବା ଦଉଡ଼ି ବ୍ୟବସ୍ଥା ନାହିଁ । ତେଣୁ ଚଢ଼ିବା ବେଳେ ଅସାବଧାନତା ହେଲେ, ଦୁର୍ଗରୁ ପଡ଼ି ମୃତ୍ୟୁ ହେବାର ସମ୍ଭାବନା ରହିଛି ।


## ଅଦୃଶ୍ୟ ଦୁର୍ଗ : ଜଞ୍ଜିରା

ପ୍ରସିଦ୍ଧି ଲାଭ କରିଥିବା ରହସ୍ୟମୟ ଦୁର୍ଗ ମଧ୍ୟରୁ ଅନ୍ୟତମ ମହାରାଷ୍ଟ୍ର ରାୟଗଡ଼ାର ଜଞ୍ଜିରା ଦୁର୍ଗ । ସମୁଦ୍ର ପତ୍ତନରୁ ୯୦ ଫୁଟ୍ ଉଚ୍ଚରେ ଏହି ଦୁର୍ଗ ନିର୍ମିତ ହୋଇଛି । ପଶ୍ଚିମ ଉପକୂଳରେ ଥିବା ଏହା ଏକମାତ୍ର ଦୁର୍ଗ ଯାହାକୁ କେହି ମଧ୍ୟ ଜୟ କରିପାରି ନାହାନ୍ତି । ବ୍ରିଟିଶ୍, ପର୍ତ୍ତୁଗାଲ, ମୋଗଲ, ଶିବାଜୀ ମହାରାଜା, କାନ୍ହୋଜୀ ଆଙ୍ଗ୍ରେ, ସମ୍ଭାଜୀ ମହାରାଜ ପ୍ରମୁଖ ଏହି ଦୁର୍ଗକୁ ଜିତିବା ପାଇଁ ଅନେକ ପ୍ରୟାସ ସତ୍ତ୍ୱେ ବିଫଳ ହୋଇଥିଲେ । ତେଣୁ ୩୫୦ ବର୍ଷ ପୁରୁଣା ଏହି ଦୁର୍ଗକୁ 'ଅଜୟ ଦୁର୍ଗ' କୁହାଯାଏ । ଅହମଦନଗର ସଲତନତର ମାଲିକ ଅମ୍ବରଙ୍କ ଦେଖାଶୁଣାରେ ୧୫୦୦ ଶତାବ୍ଦୀରେ ଏହା ନିର୍ମାଣ ହୋଇଥିଲା । ଏହାକୁ ୨୨ ବର୍ଷ ମଧ୍ୟରେ ନିର୍ମାଣ କରାଯାଇଥିଲା । ତେବେ ଏହାକୁ ନିଆରା ଶୈଳୀରେ ନିର୍ମାଣ କରାଯାଇଛି । ଏହାର କର୍ବଟଗୁଡ଼ିକ କାନ୍ଥ ପଛରେ ଲୁକକାୟିତ ହୋଇ ରହିଛି । ଦୁର୍ଗର ନିକଟକୁ ଯିବା ପରେ ଏହା ଅଦୃଶ୍ୟ ହୋଇଯାଏ । ଫଳରେ ଶତ୍ରୁମାନେ ଦୁର୍ଗ ନିକଟକୁ ଆସିଲେ ଦ୍ୱନ୍ଦରେ ପଡ଼ିଯାନ୍ତି ।



## ଗୋଟିଏ ରାତିରେ ନିର୍ମିତ ପାଲାମୁ ଦୁର୍ଗ

ଭାରତରେ ଅନେକ ରହସ୍ୟମୟ ସ୍ଥାନ ରହିଛି । ସେଥିମଧ୍ୟରୁ ଝାଡ଼ଖଣ୍ଡର ପାଲାମୁ ଦୁର୍ଗ ଗୋଟିଏ । ଏହି ରହସ୍ୟମୟ ଦୁର୍ଗ ଘଞ୍ଚ ଜଙ୍ଗଲ ପାହାଡ଼ ମଧ୍ୟରେ ରହିଛି । ଗୋଟିଏ ରାତିରେ ନିର୍ମିତ ଏହି ଦୁର୍ଗ ପଛରେ ଅନେକ କାହାଣୀ ରହିଛି । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଏଠାରେ ରାତ୍ରି ସମୟରେ ହାତୁଡ଼ି ପିଟିବା ଶବ୍ଦ ଶୁଣାଯାଏ । ସୂର୍ଯ୍ୟୋଦୟ ପୂର୍ବରୁ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା । ଐତିହାସକମାନଙ୍କ କହିବାନୁଯାୟୀ ୧୭୦୦ ଶତାବ୍ଦୀରେ ରାଜା ମେଦିନ ରାଏ, ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ଦୁର୍ଗ ନିର୍ମାଣ କରିଥିଲେ । ସେ ନିଜ ପୁଅ ପାଇଁ ଏହା ନିର୍ମାଣ କରିଥିଲେ । ଏହି ଦୁର୍ଗ ବିଶାଳ ପଥର ଦ୍ୱାରା ତିଆରି ହୋଇଛି । ଏଥିରେ ଉଚ୍ଚ କବାଟ, କାନ୍ଥ, ସମେତ ଗୁପ୍ତ ସୁଡ଼ଙ୍ଗ ଏବଂ ଜଳାଶୟ ରହିଛି । ଏହି ଜଳାଶୟ ଅଦ୍ୟାବଧି ଶୁଖି ନାହିଁ । କୁହାଯାଏ ଏହାରି ମଧ୍ୟରେ ରାଜାଙ୍କ ସୁନା, ରୁପା, ହୀରା, ନୀଳା ମୋତିମାଣିକ୍ୟ ଆଦି ଲୁକ୍କାୟିତ ରହିଛି । ଅବଶ୍ୟ କେତେକ ସାହିତ୍ୟିକଙ୍କ କହିବାନୁଯାୟୀ ଏହି ଦୁର୍ଗର ନିର୍ମାଣ କାର୍ଯ୍ୟ ଗୋଟିଏ ରାତି ନୁହେଁ, ବର୍ଷ ବର୍ଷ ଧରି ଜାରି ରହିଥିଲା ।



## ଭୂତ ଦୁର୍ଗ ଭାନଗଡ଼

ଭାନଗଡ଼ ରାଜସ୍ଥାନର ପ୍ରସିଦ୍ଧ ସ୍ଥଳ ଭାବେ ପରିଚିତ । ଏହା ଭାରତରେ ଥିବା ରହସ୍ୟମୟ, ଭୂତ ସ୍ଥାନ ମଧ୍ୟରୁ ଗୋଟିଏ । ୪୦୦ ବର୍ଷ ପୁରୁଣା ଏହି ଦୁର୍ଗ ୧୭ ଶତାବ୍ଦୀରେ ନିର୍ମିତ ହୋଇଥିଲା । ଭୂତ ଦୁର୍ଗ ଭାବେ ପରିଚିତ ଏହି ସ୍ଥାନକୁ ସୂର୍ଯ୍ୟାସ୍ତ ପରେ ପ୍ରବେଶ ନିଷେଧ କରାଯାଇଛି । ଏହାର କାହାଣୀ ସନ୍ଥ ବାଲୁନାଥଙ୍କ ସହ ଜଡ଼ିତ । ରାଜା ମାଧଓ ସିଂ ଏହି ଦୁର୍ଗ ନିର୍ମାଣ କରିଥିଲେ । କିନ୍ତୁ ଏଥିପାଇଁ ପ୍ରଥମେ ସେ ବାଲୁନାଥଙ୍କ ସ୍ୱୀକୃତି ଲୋଡ଼ିଥିଲେ । କିନ୍ତୁ ବାଲୁନାଥ ଦୁର୍ଗର ଛାଇ ତାଙ୍କ ତପସ୍ୟା ସ୍ଥାନରେ ନ ପଡ଼ିବ ପାଇଁ ସର୍ତ୍ତ ରଖିଥିଲେ । ହେଲେ ଦୁର୍ଗ ନିର୍ମାଣ ପରେ ଏହାର ଛାଇ ଧ୍ୟାନସ୍ଥଳୀରେ ପଡ଼ିଥିଲା । ଫଳରେ ସନ୍ଥଜଣଙ୍କ ରାଗି ଯାଇ ଅଭିଶାପ ଦେଇଥିଲେ । ସେହି ସମୟ ପରଠୁ ଭାନଗଡ଼ ଧ୍ୱଂସ ବିଧ୍ୱସ୍ତ ହୋଇଗଲା । ଏହି ଦୁର୍ଗ ସକାଳ ଛଅଟାରୁ ସନ୍ଧ୍ୟା ଛଅଟା ଯାଏ ଖୋଲା ରହିଥାଏ । ଏଠାରେ ଦିନ ସମୟରେ ପର୍ଯ୍ୟଟକମାନେ ବାସ୍ତୁକଳା ତଥା ସୌନ୍ଦର୍ଯ୍ୟକୁ ଉପଭୋଗ କରିଥାନ୍ତି । ତେବେ ରାତ୍ରି ସମୟରେ ଏଠାକୁ କେହି ହେଲେ ଯାଆନ୍ତି ନାହିଁ । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଏଠି ରାତ୍ରି ସମୟରେ ଅଜବ ଶବ୍ଦ ଶୁଣାଯାଏ । ତେଣୁ ଏହା ଏକ ଭୂତ ସ୍ଥଳ ଭାବେ ପରିଚିତ ।





## ଭୂତ ସହର ଲଖପତ୍

ଭାରତରେ ଥିବା ଦର୍ଶନୀୟ ସ୍ଥାନ ମଧ୍ୟରୁ ଲଖପତ୍ ଦୁର୍ଗ ଅନ୍ୟତମ । ଏହା ଗୁଜୁରାଟର ଛୋଟ ଏବଂ କମ୍ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳ ଭାବେ ଜଣାଯାଏ । ପ୍ରାଚୀନ ସମୟରେ ଏହା ଏକ ସମୃଦ୍ଧ ବାଣିଜ୍ୟ ସ୍ଥଳ ଭାବେ ଜଣାଶୁଣା ଥିଲା । ତେବେ ୧୮୧୯ ମସିହାରେ ଭୂକମ୍ପ ପରେ ବନ୍ଧ ନିର୍ମିତ ହେବାରୁ ସିନ୍ଧୁ ନଦୀର ପ୍ରବାହର ଏହାର ଦିଗ ବଦଳି ଯାଇଥିଲା । ଫଳରେ ଲଖପତ୍ ନିଜର ଅସ୍ତିତ୍ୱ ହରାଇ ଥିଲା । ଏହାର ଚତୁଃପାର୍ଶ୍ୱରେ ୭ କିଲୋମିଟର ଲମ୍ବ ପ୍ରାଚୀର ରହିଛି । ଐତିହାସିକମାନଙ୍କ ପାଇଁ ଏହା ଏକ ଦର୍ଶନୀୟ ସ୍ଥାନ ଭାବେ ପରିଚିତ । ଏଠାରେ ଲକ୍ଷ ଲକ୍ଷ ଟଙ୍କା ଆୟ ହେଉଥିବାରୁ ଏହାର ନାମକରଣ 'ଲଖପତ୍' (କୋଟିପତି) କରାଯାଇଛି । ପ୍ରାକୃତିକ ବିପର୍ଯ୍ୟୟ ତଥା ନଦୀର ଦିଗ ପରିବର୍ତ୍ତନ ଯୋଗୁଁ ଧୀରେ ଧୀରେ ଏହି ସ୍ଥାନ ଜନଶୂନ୍ୟ ହୋଇଯାଇଥିଲା । ତେଣୁ ଏହା ଭୂତ ସହର ଭାବେ ମଧ୍ୟ ଜଣାଯାଏ ।

## ଦୁର୍ଗ ଅଞ୍ଚଳରୁ ଅଚାନକ ନିଖୋଜ ବରଯାତ୍ରୀ


ଗଡ଼କୁଣ୍ଡାର ହେଉଛି ଏକ ରହସ୍ୟମୟ ଦୁର୍ଗ । ଏହା ମଧ୍ୟ ପ୍ରଦେଶରେ ଅବସ୍ଥିତ । ପାଞ୍ଚମହଲା ବିଶିଷ୍ଟ ଏହି ଅଟ୍ଟାଳିକା ଏକାଦଶ ଶତାବ୍ଦୀରେ ନିର୍ମାଣ କରାଯାଇଥିଲା । ସେଥିମଧ୍ୟରୁ ତିନିମହଲା ଜମି ଉପରେ ଓ ଅନ୍ୟ ଦୁଇମହଲା ମାଟି ତଳେ ରହିଛି । ଅବଶ୍ୟ ଏହି ଦୁର୍ଗ କେବେ ଏବଂ କିଏ ପ୍ରସ୍ତୁତ କରିଥିଲେ ସେ ବିଷୟରେ କୌଣସି ସୂଚନା ନାହିଁ । ଏହା ୧୫୦୦-୨୦୦୦ ବର୍ଷର ପୁରୁଣା ବୋଲି କୁହାଯାଏ । ଏଠାରେ ଚନ୍ଦୋଲ, ବୁନ୍ଦେଲ ଭଳି ଅନେକ ଶାସକ ଶାସନ କରିଛନ୍ତି । ଏହି ଦୁର୍ଗକୁ ସୁରକ୍ଷା ପାଇଁ ନିର୍ମାଣ କରାଯାଇଥିଲା । ଏହା ଏପରି କାରିଗରିରେ ନିର୍ମିତ ହୋଇଛି, ଯାହା ଏବେ ବି ଲୋକଙ୍କୁ ଭ୍ରମିତ କରେ । ଏହା ଚାରି, ପାଞ୍ଚ କିଲୋମିଟର ଦୂରରୁ ଦୃଶ୍ୟମାନ ହୋଇଥାଏ, କିନ୍ତୁ ନିକଟକୁ ଆସିବା ପରେ ଏହା ଅଦୃଶ୍ୟ ହୋଇଯାଏ । ତେଣୁ ଏହା ଏକ ରହସ୍ୟମୟ ଦୁର୍ଗ ଭାବେ ଜଣାଯାଏ । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ବହୁ ବର୍ଷ ପୂର୍ବେ ଏହି ଗାଁକୁ ଏକ ବରଯାତ୍ରୀ ଆସିଥିଲା । ବୁଲୁବୁଲୁ ସେମାନେ ଦୁର୍ଗର ଭୂତଳ ସ୍ଥଳରେ ପହଞ୍ଚି ଯାଇଥିଲେ । ହେଲେ ଅଚାନକ ସମସ୍ତେ ନିଖୋଜ ହୋଇଗଲେ । ୫୦-୬୦ ଜଣ ଲୋକଙ୍କର କୌଣସି ପତ୍ତା ମିଳି ନଥିଲା । ଏହା ଏକ ଭୁଲ ଭୁଲେୟା ଦୁର୍ଗ ଭାବେ ଜଣାଯାଏ ।



## ଗୁମ୍ଫାମୟ ଦୁର୍ଗ କୋଣ୍ଡାବିଡୁ

ଆନ୍ଧ୍ର ପ୍ରଦେଶ ଗୁଣ୍ଟୁରରୁ ୨୫ କିଲୋମିଟର ଦୂରରେ ରହସ୍ୟଜନକ ଗୁମ୍ଫାମୟ ଦୁର୍ଗ ରହିଛି । ୧୨୪୦ ଖ୍ରୀଷ୍ଟପୂର୍ବେ ରେଡ୍ଡି ରାଜବଂଶର ପ୍ରସିଦ୍ଧ ଆନାପୋଥା ରେଡ୍ଡୀ ଏହାକୁ ନିର୍ମାଣ କରିଥିଲେ । ଏଠାରେ ଅନେକ ଗୁମ୍ଫା ଥିବାରୁ ଏହାକୁ ଖୁବ୍ ସ୍ୱତନ୍ତ୍ର ଜଣାଯାଏ । ଲୋକଙ୍କ କହିବାନୁଯାୟୀ ଏଠାରେ ଥିବା ଗୁମ୍ଫାରୁ ଅନେକ ସମୟରେ ବହୁ ରହସ୍ୟମୟ ଶବ୍ଦ ଶୁଣିବାକୁ ମିଳିଥାଏ । ଏହାର ରହସ୍ୟମୟ ଇତିହାସ ତଥା ସୌନ୍ଦର୍ଯ୍ୟ ପାଇଁ ଏଠାକୁ ପ୍ରତିବର୍ଷ ଅନେକ ପର୍ଯ୍ୟଟକ ଆସିଥାନ୍ତି ।






## ଭୂତ ଦୁର୍ଗ ଗୋଲକୋଣ୍ଡା

ହାଇଦ୍ରାବାଦର ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବେ ପରିଚିତ ଗୋଲକୁଣ୍ଡା ଦୁର୍ଗ । ଏହା ନିଆରା ବାସ୍ତୁକଳା, ପୌରାଣିକ କଥା, ଇତିହାସ ଏବଂ ରହସ୍ୟ ପାଇଁ ଜଣାଯାଏ । ତେବେ ଏହା ନିର୍ମାଣ ପଛରେ ଏକ ରୋଚକୀୟ କାହାଣୀ ରହିଛି । ଥରେ ଜଣେ ଯୁବକ ଗାଇ ଚରାଉଥିବା ସମୟରେ ଏକ ମୂର୍ତ୍ତି ପାଇଥିଲେ । ତତ୍କାଳୀନ ଶାସକ କାକତିୟା ଏହି ସୂଚନା ପାଇବା ପରେ ଏହାକୁ ଏକ ପବିତ୍ର ସ୍ଥାନ ଭାବି ଚତୁଃପାର୍ଶ୍ୱରେ ମାଟି କାନ୍ଥ କରିଥିଲେ । ପରବର୍ତ୍ତୀ ସମୟରେ ଏହା ଗୋଲକୋଣ୍ଡା ନାମରେ ଜଣାଗଲା । ୪୦୦ ଫୁଟ୍ ଉଚ୍ଚରେ ଥିବା ଏହି ଦୁର୍ଗରେ ୮ ଟି କବାଟ, ୮୭ ଦୁର୍ଗ ରହିଛି । ଏହି କବାଟଗୁଡ଼ିକ ଷ୍ଟିଲ୍ ସ୍ପାଇକ୍ ଦ୍ୱାରା ନିର୍ମାଣ କରାଯାଇଛି । ଯାହା ହାତୀ ପ୍ରବେଶରୁ ସୁରକ୍ଷା ଦେଇଥାଏ । ସେହିପରି କିଛି ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଏଠାରେ ଖୁବ୍ ଭୟଙ୍କର ଶବ୍ଦ ଶୁଣିବାକୁ ମିଳିଥାଏ । ସ୍ଥାନୀୟ ଲୋକଙ୍କ ସମେତ ଏଠାକୁ ବହୁ ଫିଲ୍ମ ସୁଟିଂ ପାଇଁ ଅନେକ ଗ୍ରୁପ୍ ମଧ୍ୟ ଆସନ୍ତି । ସେମାନେ ମଧ୍ୟ ଏଠାରେ ଭୂତପ୍ରେତ, ଅଦୃଶ୍ୟ ଶକ୍ତି ଥିବା ଅନୁଭବ କରିଥିଲେ । ତେଣୁ ବୁଲିବାକୁ ଆସୁଥିଲେ ଏଠାକୁ ଏକାକୀ ନ ଆସିବା ଭଲ ।

## ରହସ୍ୟମୟ ଶନିବାରବାଡ଼ା ଦୁର୍ଗ

ମହାରାଷ୍ଟ୍ରର ପୁନେରେ ଅବସ୍ଥିତ ଶନିବାରବାଡ଼ା ଦୁର୍ଗ । ୧୭୩୦ରେ ଜାନୁଆରୀ ୧୦ ତାରିଖରେ ପେଶୱା ବାଜିରାଓ ପ୍ରଥମ ଏହାର ମୂଳଦୁଆ ସ୍ଥାପନ କରିଥିଲେ । ୧୭୩୨ ମସିହାରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା । ମୂଳଦୂଆ ଶନିବାର ସ୍ଥାପନ ହୋଇଥିବାରୁ ଏହାକୁ 'ଶନିବାରବାଡ଼ା' ଭାବେ ନାମକରଣ କରାଯାଇଛି । ସେ ସମୟରେ ଏହା ୧୬୦୦ ହଜାର ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା । ଐତିହାସିକ ତଥ୍ୟ ଅନୁଯାୟୀ, ସେ ସମୟରେ ଏଠାରେ ୧୦୦୦ ଲୋକ ରହୁଥିଲେ । ପାଖାପାଖି ୮୫ ବର୍ଷ ଧରି ଏହି ଦୁର୍ଗ ପେଶ୍ୱାଙ୍କ ନାମରେ ନାମିତ ହୋଇଥିଲା । ୧୮୧୮ ମସିହାରେ ଇଂରେଜମାନେ ଏହାକୁ ଅଧିକୃତ କରିଥିଲେ । ଭାରତ ସ୍ୱାଧୀନ ହେବା ଯାଏ ଏହା ତାଙ୍କ ଅଧୀନରେ ଥିଲା । ୩୦ ଅଗଷ୍ଟ ୧୭୭୩ ମସିହାରେ ୧୮ ବର୍ଷିୟ ନାରାୟଣ ରାଓଙ୍କୁ ଷଡ଼ଯନ୍ତ୍ର କରି ହତ୍ୟା କରାଯାଇଥିଲା । ସେ ମରାଠା ସାମ୍ରାଜ୍ୟର ନବମ ପେଶୱା ଥିଲେ । ତେବେ ନିଜ ଚାଚା ତାଙ୍କୁ ହତ୍ୟା କରିଥିବା କୁହାଯାଏ । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଏବେ ମଧ୍ୟ ଅମାବାସ୍ୟା ରାତିରେ ଏଠାରେ ଭୟଙ୍କର ଶବ୍ଦ ଶୁଣିବାକୁ ମିଳିଥାଏ । ଏହି ଦୁର୍ଗକୁ ନେଇ ଆଉ ଏକ କାହାଣୀ ରହିଛି । ୧୮୨୮ ରେ ଏଥିରେ ଭୟଙ୍କର ନିଆଁ ଲାଗିଥିଲା । ଏହି ନିଆଁ ସାତଦିନ ଧରି ଜଳିଥିଲା । ଏଥିପାଇଁ ମହଲର ଅଧା ଅଂଶ ପୋଡ଼ିଯାଇଥିଲା । କିନ୍ତୁ ଏହି ନିଆଁ କିପରି ଲାଗିଥିଲା, ତାହା ଏବେ ବି ଏକ ରହସ୍ୟ ହୋଇ ରହିଛି ।



ଭାରତରେ ଏଭଳି ଆହୁରି ଅନେକ ରହସ୍ୟମୟ ପ୍ରାଚୀନ ଦୁର୍ଗ, ରାଜପ୍ରାସାଦ, ପୁରୁଣା କୋଠା ରହିଛି । ଯାହାକୁ ଦେଖିବା ପାଇଁ ପର୍ଯ୍ୟଟକଙ୍କ ଭିତରେ ଉତ୍ସୁକତା ଥାଏ । କିନ୍ତୁ ଏଭଳି ସ୍ଥାନ ମନ ଭିତରେ ଭୟ ଓ ଆତଙ୍କ ଖେଳାଇ ଦେଇଥାଏ । ■

# ଅଜବ ସ୍ଥାନ

**ସାରା ବିଶ୍ୱରେ ରହିଛି ଅନେକ ଅଜବ ସ୍ଥାନ । ଯାହା ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥାଏ ନିଜ ନିଜ ସ୍ୱତନ୍ତ୍ରତା ଯୋଗୁଁ । ସେଭଳି କିଛି ଆଶ୍ଚର୍ଯ୍ୟଜନକ ସ୍ଥାନକୁ ନେଇ ଏଇ ସ୍ୱତନ୍ତ୍ର ଆଲେଖ୍ୟ ।**



## ଚକୋଲେଟ୍ ପାହାଡ଼

ବିଶ୍ୱରେ ଏମିତି ଅନେକ ସ୍ଥାନ ରହିଛି ଯେଉଁଠି ପ୍ରକୃତିର ବିସ୍ମୟକର ଦୃଶ୍ୟ ଦେଖିବାକୁ ମିଳିଥାଏ। ଏହିକ୍ରମରେ ଚର୍ଚ୍ଚାରେ ରହିଛି ଚକୋଲେଟ୍ ପାହାଡ଼ । ଏହି ପାହାଡ଼ଟି ଫିଲିପାଇନ୍ସର ବୋହୋଲରେ ଅବସ୍ଥିତ । ଏହି ପାହାଡ଼ର ଉଚ୍ଚତା, ନିଆରା ଆକୃତି ଏବଂ ରଙ୍ଗ ଲାଗି ପ୍ରସିଦ୍ଧି ଲାଭ କରିଛି। ସାଧାରଣତଃ ବର୍ଷାଦିନେ ଏହି ପାହାଡ଼ଟି ସବୁଜିମାରେ ଭରିଯାଏ। ହେଲେ ପରେ ଏହି ସବୁଜିମା ଶୁଖି ବାଦାମୀ ରଙ୍ଗ ହୋଇ ଚକୋଲେଟ୍ ପରି ଦେଖାଯାଇଥାଏ। ଏହି ପାହାଡ଼ଟି କେବଳ ପ୍ରାକୃତିକ ସୌନ୍ଦର୍ଯ୍ୟର ପ୍ରତୀକ ତାହା ନୁହେଁ, ବରଂ ଏହା ସ୍ଥାନୀୟ ସଂସ୍କୃତି, ପରମ୍ପରା ଏବଂ ଜୀବନଶୈଳୀର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ। ଏଠାରେ ପାଖାପାଖି ୧୨୦୦ରୁ ଅଧିକ ଛୋଟ ବଡ଼ ଟାପୁ ରହିଛି। ଶୀତଦିନେ ଏହି ସ୍ଥାନଗୁଡ଼ିକରେ ଘାସ ଢାଙ୍କି ହୋଇ ଖୁବ୍ ସୁନ୍ଦର ଦେଖାଯାଏ । ଖରାଦିନେ ଏହି ଘାସ ଶୁଖି ବାଦାମୀ ରଙ୍ଗରେ ଚକୋଲେଟ୍ ରଙ୍ଗ ସହିତ ମିଶି ଯାଇଥାଏ । ତେଣୁ ସ୍ଥାନୀୟ ଲୋକ ଏହାକୁ ଚକୋଲେଟ୍ ପାହାଡ଼ ବୋଲି କହିଥାନ୍ତି । ଏହି ପାହାଡ଼ଟି ପାଖାପାଖି ୫୦ ବର୍ଗ କିମି କ୍ଷେତ୍ରରେ ବ୍ୟାପୀ ରହିଛି। ଏହି ପାହାଡ଼ର ଅଦ୍ଭୁତ ସଂରଚନା ଦେଖିବାକୁ ପର୍ଯ୍ୟଟକ ଭିଡ଼ ଜମାନ୍ତି। ଚକୋଲେଟ୍ ପାହାଡ଼କୁ ନେଇ ସ୍ଥାନୀୟ ଲୋକକଥା ଏବଂ କେତେକ ପୌରାଣିକ ଗାଥା ରହିଛି । ଯାହା ଏହାକୁ ସାଂସ୍କୃତିକ ରୂପେ ସମୃଦ୍ଧ କରିଥାଏ ।



## ଯମଜଙ୍କ ସହର

ବିଶ୍ୱର ଅନ୍ୟ କୌଣସି ସ୍ଥାନ ଅପେକ୍ଷା ଆଫ୍ରିକୀୟ ଦେଶ ନାଇଜେରିଆର ଇଗ୍‌ବୋ-ଓରା ସହରରେ ଅଧିକ ସଂଖ୍ୟକ ଯମଜ ଶିଶୁ ଜନ୍ମ ନେଇଥାନ୍ତି । ବିଗତ ୧୩ ବର୍ଷ ହେଲାଣି ଏଠାରେ ପ୍ରତିବର୍ଷ ଏକ ଜଲ୍‌ସାର ଆୟୋଜନ କରାଯାଏ । ଏହି ଜଲ୍‌ସାରେ ସ୍ଥାନୀୟ ଲୋକେ ଭାଗ ନେଇ ଯମଜ ହେବାର ଉତ୍ସବ ମନାଇଥାନ୍ତି । ଏଠାକୁ ଫ୍ରାନ୍ସରୁ ଲୋକେ ଆସି ଅଂଶଗ୍ରହଣ କରିଥାନ୍ତି । ଏମାନେ ୟୋରୁବା ସମ୍ପ୍ରଦାୟର ଲୋକ । ଅନେକ ଡାକ୍ତରୀ ଦଳ ଆସି ଗବେଷଣା କରିଥିଲେ ସୁଦ୍ଧା ଏଠାରେ ଯମଜ ଶିଶୁ ଜନ୍ମର କାରଣ ଜାଣିପାରୁ ନାହାନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏଠାରେ ଲୋକ ଅଧିକ ଭେଣ୍ଡି ପତ୍ର ଓ ମହିଳାମାନେ ସ୍ୱତନ୍ତ୍ର ଧରଣର ଅଟା ଖାଉଥିବାରୁ ସେମାନଙ୍କ ଯମଜ ଶିଶୁ ଜନ୍ମ ହେଉଛନ୍ତି। ବିଶ୍ୱର 'ଯମଜ ରାଜଧାନୀ' ଭାବେ ଇଗ୍‌ବୋ-ଓରା ସହର ପ୍ରସିଦ୍ଧ ।





## ଓଲଟା ବହେ ପାଣି

ଛତିଶଗଡ଼ର ସରଗୁଜା ଜିଲ୍ଲାର ସବୁଠୁ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳ ଭାବେ ପ୍ରସିଦ୍ଧ ମେନ୍‌ପାଟର 'ଓଲଟା ପାଣି'। ଏଠାରେ ଝରଣା ଓଓପାଣି ତଳକୁ ବହିବା ବଦଳରେ ଉପରକୁ ପ୍ରବାହିତ ହୋଇଥାଏ। ଏହା ମେନ୍‌ପାଟ ଚୁମ୍ବକୀୟ ଓ ଜ୍ୱାଳାମୁଖୀରୁ ସୃଷ୍ଟି ପାହାଡ଼ ହୋଇଥିବାରୁ ଚୁମ୍ବକୀୟ କ୍ଷେତ୍ର କାରଣରୁ ଏମିତି ହେଉଥିବା ବିଶ୍ୱାସ କରାଯାଏ। ମେନ୍‌ପାଟର ଏହି ସ୍ଥାନରେ ମାଧ୍ୟାକର୍ଷଣ ଶକ୍ତିରୁ ଚୁମ୍ବକୀୟ ବଳର ଅଧିକ ପ୍ରଭାବ ରହିବା କାରଣରୁ ପାଣି ତଳୁ ଉପରକୁ ବହିବାକୁ ସାହାଯ୍ୟ କରେ। ମେନ୍‌ପାଟରୁ ରିହନ୍ଦ ନଦୀ ଏବଂ ମାଣ୍ଡ ନଦୀର ଉତ୍ପନ୍ନ ହୋଇଛି। ଏହି ସ୍ଥାନଟି ସମସ୍ତଙ୍କୁ ଶାନ୍ତି ପ୍ରଦାନ କରେ। ଛତିଶଗଡ଼ର ଓଲଟା ପାଣି ପରି ଲେହ, ଲଦାଖ ଏବଂ ଗୁଜୁରାଟର କାଲୋ ଡୁଙ୍ଗରରେ ମଧ୍ୟ ଏପରି ଆଶ୍ଚର୍ଯ୍ୟଜନକ ଘଟଣା ଦେଖିବାକୁ ମିଳିଥାଏ।




## କାଚପରି ନଦୀର ପାଣି

ମେଘାଳୟର ପୂର୍ବ ଜୟନ୍ତିଆ ହିଲ୍‌ସ ଜିଲ୍ଲାରେ ଘଞ୍ଚ ଜଙ୍ଗଲ ମଧ୍ୟରେ ଉମନ୍‌ଗୋଟ୍ ନଦୀ ପ୍ରବାହିତ ହେଉଛି। ଏହି ନଦୀ 'ଖଣ୍ଡୋ ନଦୀ' ତଥା 'ଡୋକି' ନାଁରେ ପରିଚିତ। ନଦୀର ସ୍ୱତନ୍ତ୍ରତା ହେଉଛି ନଦୀର ପାଣି ପୂରା କାଚ ପରି ସ୍ୱଚ୍ଛ ଦେଖାଯାଏ । ତେଣୁ ନଦୀରେ ଯେତେବେଳେ କୌଣସି ଡଙ୍ଗା ଯାଉଥାଏ, ପବନରେ ଭାସିଲା ପରି ଦେଖାଯାଏ । ନଦୀ ଭିତରେ ଥିବା ପଥର ତଥା ଅନ୍ୟାନ୍ୟ ଶୈବାଳ ଆଖିକୁ ସ୍ପଷ୍ଟ ଦେଖାଯାଇଥାଏ। ନିକଟରେ ଥିବା ଏକ ପାହାଡ଼ରୁ ନଦୀ ପ୍ରବାହିତ ହୋଇଆସୁଥିବାରୁ ଏହାର ପାଣି ଦେଖିବାକୁ କାଚ ପରି ବୋଲି ଲୋକେ କହିଥାନ୍ତି । ପାହାଡ଼ଟି ପାଣିକୁ ପ୍ରାକୃତିକ ରୂପେ ଶୁଦ୍ଧ ଓ ନିର୍ମଳ କରିଥାଏ। ତେଣୁ ପାଣି ଏତେ ନିର୍ମଳ ରହିଥାଏ। ସ୍ଥାନୀୟ ଲୋକ ଏହି ନଦୀକୁ ପବିତ୍ର ନଦୀ ବୋଲି ବିବେଚନା କରନ୍ତି । ତେଣୁ ଏଠାକାର ଲୋକମାନେ ଏହି ନଦୀକୁ ପ୍ରଦୂଷଣମୁକ୍ତ ରଖିବାକୁ ଆପ୍ରାଣ ଚେଷ୍ଟା କରନ୍ତି । ବର୍ତ୍ତମାନ ଉମନଗୋଟ୍ ନଦୀଟି ପର୍ଯ୍ୟଟକଙ୍କ ପାଇଁ ଏକ ପ୍ରମୁଖ ଆକର୍ଷଣ କେନ୍ଦ୍ର ପାଲଟିଛି। ନଦୀର କାଚପରି ପାଣିକୁ ଦେଖିବାକୁ ପ୍ରତିଦିନ ଏଠାକୁ ବହୁ ଦୂରଦୂରାନ୍ତରୁ ଲୋକ ଆସିଥାନ୍ତି ।



# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## ଆପଣା ହସ୍ତେ ଜିହ୍ୱା ଛେଦୀ

ଆଉ ଚର୍ଚ୍ଚାର ପରିଧିରେ ନାହାନ୍ତି ଲୋକଙ୍କ ଯନ୍ତ୍ରଣା ଦେଖି ଆନନ୍ଦ ଅନୁଭବ କରିବାରେ (କୁ) ଖ୍ୟାତି ଅର୍ଜନ କରିଥିବା ଆଳୁ ମନ୍ତ୍ରୀ । ତାଙ୍କ ଖ୍ୟାତିକୁ ଅତିକ୍ରମ କରି ନୂଆ ରେକର୍ଡ ସ୍ଥାପନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ଓରଫ୍ କୃଷିମନ୍ତ୍ରୀ ଓରଫ୍ ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ପ୍ରଦୂଷଣ ପ୍ରମାଣପତ୍ରକୁ ନେଇ ବିଭୂତିଙ୍କ ଉପରେ ଲୋକ ରାଗି ପାଚି ଲାଲ୍। ଏପରିକି ମୁଖ୍ୟମନ୍ତ୍ରୀ ମୋହନ ବି ଖପ୍ପା ହୋଇଥିବା କୁହାଯାଉଛି । ଯେଉଁଥିପାଇଁ ବାଧ ହୋଇ ମନ୍ତ୍ରୀ ଏପ୍ରିଲ ମାସ ପର୍ଯ୍ୟନ୍ତ ପିୟୁସିସି ଅବଧି ବୃଦ୍ଧି ପାଇଁ ଘୋଷଣା କରିଛନ୍ତି । ଅନ୍ୟପକ୍ଷରେ କନକବର୍ଦ୍ଧନଙ୍କ ଅହଂକାର ଓ ଅମାନିଆ ତୁଣ୍ଡ ସରକାରଙ୍କୁ ଅଡୁଆରେ ପକାଇଛି । ବରଗଡ଼ ଧନୁଯାତ୍ରାର କଂସ ଦରବାରରେ ଚାଷୀଙ୍କ ଆନ୍ଦୋଳନକୁ 'ନୌଟଙ୍କି' ବୋଲି ଅଭିହିତ କରିବା ଓ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମଞ୍ଚକୁ ନୌଟଙ୍କି ସ୍ଥଳ ଭାବରେ ବର୍ଣ୍ଣନା କରି ଫସି ଯାଇଛନ୍ତି କନକ । ଏହି ସମୟରେ କୋଲାବିରାରେ ଏକ ସମାବେଶରେ ବିଜୁଳି ବିଲ୍ ମାଫ୍ ପ୍ରସଙ୍ଗରେ ତାଙ୍କର ଧମକ ବି ଚାଷୀଙ୍କୁ କ୍ରୋଧିତ କରିଛି । ପଞ୍ଜାବ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଆଦି ରାଜ୍ୟରେ ଚାଷୀଙ୍କୁ ମାଗଣା ବିଜୁଳି ମିଳୁଛି । ଗୁଜରାଟ ଓ ରାଜସ୍ଥାନରେ ଚାଷ ପାଇଁ ବିଜୁଳି ରିଆତି ମିଳୁଥିବାବେଳେ ଦିଲ୍ଲୀ, ବିହାରରେ ଉପଭୋକ୍ତାଙ୍କୁ ବିଜୁଳି ମାଗଣା ଦିଆଯାଉଛି । ମାତ୍ର ଓଡ଼ିଶାରେ ଚାଷ ପାଇଁ ମାଗଣା ବିଜୁଳି ଦାବିକୁ ସରକାରଙ୍କୁ ବ୍ଲାକମେଲ ବୋଲି ଭାବୁଛନ୍ତି ଉପମୁଖ୍ୟମନ୍ତ୍ରୀ । ଚାଷୀଙ୍କୁ ଲାଇନ୍‌ରେ ପକାଇବାକୁ ଧମକ ଦେଉଛନ୍ତି । ଯାକୁ ହିଁ କହନ୍ତି ଆପଣା ହସ୍ତେ ଜିହ୍ୱା ଛେଦୀ । ଅତୀତରେ ଅମାନିଆ ତୁଣ୍ଡ ଅନେକଙ୍କୁ ତଳିତଳାନ୍ତ କରିଦେଇଛି, ଏ କଥା କନକ ସମ୍ଭବତଃ ଭୁଲି ଯାଇଛନ୍ତି । ■



## ଫୁଲ ଫୁଟିଲେ ବାଉଁଶ ମରେ

ଆଗକୁ ବଢ଼ିବା ଲାଗି ନିଜ ଲୋକଙ୍କ ଗୋଛି କାଟିବା ରାଜନୀତିରେ ଅତି ସାଧାରଣ କଥା । ମାତ୍ର ଆଜିକାଲି ବିଶ୍ୱାସଘାତକତା ଓ କୃତଘ୍ନତା ପରି ଦୁଇଟି ଅଲୋଡ଼ା ଅଳଙ୍କାର ଏଥିରେ ଯୋଡ଼ି ହୋଇଛି । ସେଥିପାଇଁ ବର୍ତ୍ତମାନ ସମୟରେ ନୀତି ଓ ସିଦ୍ଧାନ୍ତ ଅପେକ୍ଷା ରାଜନୀତିରେ ବିଶ୍ୱାସଘାତକଙ୍କ ସଂଖ୍ୟା ଲମ୍ବି ଲମ୍ବି ଚାଲିଛି । ଘସିପୁରାର ଶଙ୍ଖୁଆ ନେତା ବଦ୍ରିବାବୁଙ୍କ ଉଦ୍ଦେଶ୍ୟରେ ତାଙ୍କ ଅଞ୍ଚଳର ଦଳୀୟ କର୍ମୀମାନେ କାହିଁକି ଏପରି କଥା କହୁଛନ୍ତି, ତାହା ଆମ ଛୋଟ ମଗଜରେ ପଶୁନାହିଁ । ଘସିପୁରାରୁ ବଦ୍ରିନାରାୟଣ କ୍ରମାଗତ ଚାରିଥର ବିଧାୟକ ହୋଇଛନ୍ତି । ଶଙ୍ଖପତିଙ୍କ ସରକାରରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ପଦ ବି ପାଇଛନ୍ତି; ଏହା ସତ୍ତ୍ୱେ ଦଳ ବିରୋଧରେ ଯାଇ ବଦ୍ରିବାବୁ ପୌର ନିର୍ବାଚନରେ ନିକୁବାବୁଙ୍କୁ ଯେ ଜିତାଇବାରେ ପରୋକ୍ଷ ଭୂମିକା ଗ୍ରହଣ କରିଥିଲେ, ଏ କଥା କିଏ ବା କାହିଁକି ବିଶ୍ୱାସ କରିବ? ମାତ୍ର ଖାଲି ଘସିପୁରା ନୁହେଁ, ସାରା କେନ୍ଦୁଝର ଜିଲ୍ଲାରେ ଦଳର କର୍ମୀମାନେ ୨୦୨୨ରେ ନିକୁଙ୍କ ବିଜୟ ଓ ୨୦୨୪ରେ ମୀନା ମାଝୀଙ୍କ ପରାଜୟ ପାଇଁ ବଦ୍ରିଙ୍କୁ ହିଁ ଦାୟୀ କରୁଛନ୍ତି । କେନ୍ଦୁଝର ଜିଲ୍ଲାରେ ଚକ୍ର ପତିଆରା ରୋକିବା ଓ ନିଜ ରାଜନୈତିକ ଉତ୍ତରଦାୟାଦମାନଙ୍କୁ ନିଷ୍କଣ୍ଟକ କରିବା ନିମନ୍ତେ ମୀନାଙ୍କ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ବଦ୍ରିଙ୍କ ଭିତିରିଆ ବୁଝାମଣା ହୋଇଥିବା ନିନ୍ଦୁକମାନେ ଗାଇ ବୁଲୁଛନ୍ତି । ଏ କଥାରେ କେତେ ସତ୍ୟତା ଅଛି ଆମକୁ ଜଣାନାହିଁ । ମାତ୍ର ପୃଥ୍ୱୀରାଜଙ୍କ ପଦ୍ମ ଝଡ଼ରେ ବଦ୍ରି ଯେ ନିଜ ପତିଆରା ସୁରକ୍ଷିତ ରଖି ପାରିବେ, ତାହା ଆଉ ବିଶ୍ୱାସ ହେଉନାହିଁ । ଓଡ଼ିଆରେ କଥାଟିଏ ଅଛି - ମଣିଷ ବୁଲିଲେ ମରେ, ଫୁଲ ଫୁଟିଲେ ବାଉଁଶ ମରେ । ତେବେ ବଦ୍ରିବାବୁଙ୍କ ଉଦ୍ଦେଶ୍ୟରେ କାହିଁକି ଲୋକ ଏପରି କଥା କହୁଛନ୍ତି କେଜାଣି ! ■



## ଦିଲ୍ଲୀ ରିକ୍ସାବାଲା ଓ ଓଡ଼ିଶା ସାମ୍ବାଦିକ

ରାଜ୍ୟର ଦଳିତ ବର୍ଗର ନେତୃତ୍ୱ ନେବା ପାଇଁ ଏବେ ଭିତରେ ଭିତରେ ଆରମ୍ଭ ହୋଇଛି ଏକ ପ୍ରତିଯୋଗିତା । ଏହି ପ୍ରତିଯୋଗିତାରେ ହାତ ପାର୍ଟିର ଶ୍ରୀକାନ୍ତଙ୍କୁ ପଛରେ ପକାଇ ପଦ୍ମ ଦଳିଆ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଢ଼େର ଆଗକୁ ବଢ଼ି ଯାଇଛନ୍ତି ବୋଲି ଅନେକ କହୁଛନ୍ତି । ରାଜ୍ୟର ପଛୁଆ ବର୍ଗଙ୍କୁ କେନ୍ଦ୍ରୀୟ ଓବିସି ସୂଚୀରେ ସାମିଲ ପାଇଁ ଧର୍ମେନ୍ଦ୍ରଙ୍କ କସରତ କୁଆଡ଼େ ଶ୍ରୀକାନ୍ତ ସହ୍ୟ କରିପାରୁ ନାହାନ୍ତି । ଏଥିପାଇଁ ସେ ବେଳେବେଳେ ବିମର୍ଷ ଅନୁଭବ କରୁଛନ୍ତି ଓ ତାଙ୍କ କଥାରେ ତାଳମେଳ ରହୁନାହିଁ । ନିକଟରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ରୋଜଗାର ଓ ଦିଲ୍ଲୀର ଅଟୋରିକ୍ସା ଚାଳକଙ୍କ ଏକ ତୁଳନାତ୍ମକ ରୋଜଗାର ବ୍ୟାଖ୍ୟା ତାଙ୍କୁ ବିବାଦୀୟ କରିଦେଇଛି । ଶ୍ରୀକାନ୍ତବାବୁ ଜଣେ ପୁରୁଖା ରାଜନେତା, ଜନତା ଦଳ ସରକାରରେ କେନ୍ଦ୍ରରେ କ୍ୟାବିନେଟ୍ ଓ ହାତ ଦଳିଆ ସରକାରରେ ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ତୁଲାଇଛନ୍ତି । ତାଙ୍କ ମୁହଁରେ ଏପରି ଟିପ୍ପଣୀକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି । ତାଙ୍କ ଦୀର୍ଘ ରାଜନୈତିକ ଜୀବନରେ କେବେ ସିଏ ସାମ୍ବାଦିକମାନଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ସଂସଦ ବା ବିଧାନସଭାରେ ଉଠାଇଥିବେ, ଏ କଥା କେହି ସ୍ମରଣ କରିପାରୁ ନାହାନ୍ତି । କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କ ସୁଖଦୁଃଖରେ ସେ କେବେ ଆହା ପଦେ କହିଥିବେ, ସେ କଥା କାହାରି ମନେ ପଡୁନାହିଁ । ମାତ୍ର ଦିଲ୍ଲୀର ଅଟୋରିକ୍ସାବାଲାଙ୍କ ରୋଜଗାର ଓଡ଼ିଶାର ସାମ୍ବାଦିକଙ୍କଠାରୁ ଅଧିକ ବୋଲି କହିବା କେଉଁ ଦୃଷ୍ଟିରୁ ଯଥାର୍ଥ? ଏ କଥା ଥରେ ଶ୍ରୀକାନ୍ତବାବୁ ଚିନ୍ତା କରିଛନ୍ତି କି ? ■



## ପଦ୍ମ ଦଳରେ ଲଳିତ କମ୍ପନ

କେଇ ମାସ ତଳେ ବିଏମ୍‌ସି କାର୍ଯ୍ୟାଳୟରେ ଘଟିଥିବା ଗୋଟିଏ ଘଟଣା ସାରା ରାଜ୍ୟକୁ ହୁଲସ୍ଥୁଲ କରିଥିଲା । ପଦ୍ମ ଦଳର କିଛି କର୍ମୀ ଜଣେ ବିଏମ୍‌ସି ଅଧିକାରୀଙ୍କୁ ଘୋଷାରି ଘୋଷାରି ପିଟିବା ଘଟଣା ଜାତୀୟସ୍ତରରେ ପହଞ୍ଚି ଯାଇଥିଲା । ଏପରିକି ଏହି ପ୍ରସଙ୍ଗ ଜାତୀୟ ଗଣମାଧ୍ୟମରେ ପ୍ରସାରିତ ହେବା ପଛରେ ରାଜ୍ୟର ଜଣେ ସାଂସଦଙ୍କ ଭୂମିକା ଥିବା ଶୁଣିବାକୁ ମିଳିଥିଲା । ସେତେବେଳେ ଘଟଣାର ପୃଷ୍ଠପୋଷକତା କରିଥିବା ଅଭିଯୋଗରେ ପଦ୍ମ ଦଳିଆ ଜଗନ୍ନାଥଙ୍କୁ ପୁଲିସ ଗିରଫ କରି ଜେଲ ପଠାଇଲା । ମାତ୍ର ନିକଟରେ ରାଜନଗର ଅଞ୍ଚଳରେ ଘଟିଥିବା ଅନୁରୂପ ଏକ ଘଟଣାରେ ସମସ୍ତେ ରହସ୍ୟମୟ ଭାବରେ ନିରବ । ସରକାର, ପୁଲିସ, ପ୍ରଶାସନ ଓ ଓଏଏସ୍ ସଂଘ ଭୁବନେଶ୍ୱରରେ ଘଟିଥିବା ଘଟଣାରେ ଯେପରି ତତ୍ପରତା ପ୍ରକାଶ କରିଥିଲେ; ରାଜନଗରରେ ସେପରି ତତ୍ପରତା ଦେଖାଇଥିବା ମନେ ହୋଇ ନାହିଁ । ପଦ୍ମ ଦଳର ବିଧାୟକ ପ୍ରାର୍ଥୀ ଲଳିତ ବେହେରା ବିଡ଼ିଓଙ୍କୁ ତାଙ୍କ କାର୍ଯ୍ୟାଳୟ ମଧ୍ୟରେ ପଶି ଦୁର୍ବ୍ୟବହାର କରିବା, ତାଙ୍କ ଉପରକୁ କମ୍ପ୍ୟୁଟର ଉଠାଇ ଫିଙ୍ଗିବାକୁ ଉଦ୍ୟମ କରିବା ଘଟଣାକୁ ନେଇ ଏତଲା ସତ୍ତ୍ୱେ ପୁଲିସ ଚୁପ୍, ନିଜ ସଦସ୍ୟ ଅପମାନିତ ହେବା ସତ୍ତ୍ୱେ ସଂଘ ବି ଚୁପ୍ । ନିଜ ବିଭାଗର ଅଧିକାରୀଙ୍କ ଉପରେ ଆକ୍ରମଣ ଉଦ୍ୟମ ପରେ ରାଜସ୍ୱ ମନ୍ତ୍ରୀ ବି ନିରବ । ପୁଲିସ, ପ୍ରଶାସନ, ସଂଘ, ସରକାରଙ୍କ ଏହି ନିରବତା ପଛରେ କେଉଁ କାରଣ ରହିଛି, ତାହା ବର୍ଣ୍ଣନା ନିଷ୍ପ୍ରୟୋଜନ । ଲଳିତଙ୍କ କାର୍ଯ୍ୟ ଯଦିଓ ଜାତୀୟ ଗଣମାଧ୍ୟମଗୁଡ଼ିକରେ ପ୍ରସାରିତ ହୋଇନାହିଁ; କିନ୍ତୁ ଦଳରେ ସୃଷ୍ଟି କରିଥିବା କମ୍ପନ ଅନେକଙ୍କ ମଞ୍ଜି ଦୋହଲାଇ ଦେଇଛି । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।